ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୫ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 SEPTEMBER 2023

Vol.No. 35 ■ No. 234■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଉଦୟନିଧିଙ୍କ ବୟାନକୁ ହିନ୍ଦୁ ସଂଗଠନର ଘୋର ବିରୋଧ

ଜଗତଗୁରୁ ପରମହଂସ ଆଚାର୍ଯ୍ୟ କହିଲେ ଉଦୟନିଧିଙ୍କ ମୁଣ୍ଡ କାଟ କଲେ ୧୦କୋଟି ଟଙ୍କା ପୁରସ୍କାର

ନୂଆଦିଲ୍ଲୀ,୦୪/୦୯ : ସନାତନ ଧର୍ମକୁ ନେଇ ଟିପ୍ପଣୀ ଦେଇ ବିବାଦରେ ଫସିଥିବା ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ମିଳିଛି ହତ୍ୟା ଧମକ । ହତ୍ୟା ଧମକ ଦେଇଛନ୍ତି ଜଗତଗୁରୁ ପରମହଂସ ଆଚାର୍ଯ୍ୟ । ଉଦୟନିଧିଙ୍କ ବୟାନକୁ ପରମହଂସ ଆଚାର୍ଯ୍ୟ ଘୋର ବିରୋଧ କରିବା ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି । ଆଉ କହିଛନ୍ତି ଯେ ଯେ କେହି ଉଦୟନିଧିଙ୍କ ମୁଣ୍ଡ କାଟିବ, ତାକୁ ୧୦ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି, ସନାତନ ଧର୍ମ ପ୍ରତି ଉଦୟନିଧି ଦେଇଥିବା ବୟାନ ଆମକୁ ବହୁତ ଆଘାତ ଦେଇଛି । ଲକ୍ଷ ଲକ୍ଷ ବର୍ଷ ତଳେ ଗୋଟିଏ ଧର୍ମ ଥିଲା, ତାହା ହେଲା ସନାତନ । ସନାତନ ଧର୍ମର ନା କୌଣସି ଆଦି ଅଛି ନା ଅନ୍ତ । ସନାତନ ଧର୍ମର ନା କେବେ ଅନ୍ତ ହୋଇଛି ନା ଅନ୍ତ ହେବ । ଯଦି କେହି ସନାତନ ଧର୍ମକୁ ଶେଷ କରିବାକୁ ପ୍ରୟାସ କରିବ, ସେ ନିଜେ ଶେଷ ହୋଇଯିବ ବୋଲି ପରମହଂସ ଆଚାର୍ଯ୍ୟ କହିଛନ୍ତି । ଅନ୍ୟପଟେ ଯଦି କୌଣସି ବ୍ୟକ୍ତି ଡିଏମକେ ନେତାଙ୍କ ମୁଣ୍ଡ କାଟି ଆଣିବ, ତାକୁ ୧୦ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି ପରମହଂସ ଆଚାର୍ଯ୍ୟ । ଯଦି ବି କେହି ତାଙ୍କ ମୁଣ୍ଡ କାଟି ନଆଣେ, ତେବେ ମୁଁ ନିଜେ ତାଙ୍କ ମୁଣ୍ଡ କାଟିଦେବି । ଆଉ ଏଥିପାଇଁ ମୁଁ ଖଣ୍ଡା ପ୍ରସ୍ତୁତ ରଖିଛି । ନିକଟରେ ଏକ ସଭାରେ ଉଦୟନିଧି ଷ୍ଟାଲିନ୍ ସନାତନ ଧର୍ମକୁ ମଶା, ଡେଙ୍ଗୁ, ମାଲେରିଆ ଓ କରୋନା ସହ ତୁଳନା କରିଥିଲେ । ଆଉ ଡେଙ୍ଗୁ, ମାଲେରିଆ ଓ କରୋନା ଭଳି ସନାତନ ଧର୍ମକୁ ଶେଷ କରିବା କଥା ମଧ୍ୟ କହିଥିଲେ ଉଦୟନିଧି ।

ପରିଚୟ ଖୋଜୁଛି ୨୮ ଶବ: କେବେ ମିଳିବ ଠିକଣା ?

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ପରିଚୟ ଖୋଜୁଛି ୨୮ ଶବ। କେବେ ମିଳିବ ଶବଙ୍କ ଠିକଣା ? କେତେଦିନ ଧରି କଣ୍ଟେନରରେ ରହିବ ଶବ ? ସତରେ କ'ଣ ବିଚା ପରିଚୟରେ ଷଢ଼ିଯିବ ୨୮ ମୃତଦେହ ବାହାନଗା ଟ୍ରେନ୍ ଟ୍ରାଜେଡିକୁ ୩ ମାସ ବିତି ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ମିଳିନି ୨୮ ଶବଙ୍କ ଠିକଣା। ସେପଟେ ପରିବାର ଲୋକେ ମୃତଦେହ ଗ୍ରହଣ କରିବା ପାଇଁ ଅନାଇ ଅନାଇ ଆଖିର ଲୁହ ଶୁଖିବାକୁ ବସିଲାଣି। ବାହାନଗା ଟ୍ରେନ୍ ଟ୍ରେଜେଡି ପରେ ରେଳ ଚଳାଚଳ ସ୍ୱଭାବିକ ହେଲାଣି। ହେଲେ ଏବେ ମଧ୍ୟ ୨୮ ମୃତଦେହଙ୍କୁ ମିଳିନି ପରିଚୟ। ସମସ୍ତଙ୍କ ମନରେ ପ୍ରଶ୍ନ, କେବେ ଏସବୁ ମୃତଦେହକୁ ମିଳିବ ପରିଚୟ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି, ବାହାନଗା ଟ୍ରେନ ଟ୍ରାଜେଡି ପରେ ଏମ୍ସକୁ ୧୬୨ଟି ମୃତଦେହ ଆସିଥିଲା। ସେଥିମଧ୍ୟରୁ ୮୧ଟି ଡେଡ୍‌ବଡିକୁ ପରିବାର ଲୋକଙ୍କ ଦ୍ୱାରା ଚିହ୍ନଟ ପରେ ତତ୍କାଳ ହସ୍ତାନ୍ତର କରାଯାଇଥିଲା। ▶▶ପୃଷ୍ଠା ୭

ବାଲେଶ୍ୱର ବଡ଼ ମେଡିକାଲର କେମୋ ୱାର୍ଡରେ ଲାଗିଲା ନିଆଁ: ଏସି ସର୍ଟସର୍କିଟରୁ ନିଆଁ ଲାଗିଥିବା ସୂଚନା

ବାଲେଶ୍ୱର, ୦୪/୦୯ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ବଡ଼ ମେଡିକାଲ କେମୋ ୱାର୍ଡରେ ନିଆଁ ଲାଗିଯାଇଛି । ଏସି ସର୍ଟସର୍କିଟରୁ ନିଆଁ ଲାଗିଥିବା ଜଣାଯାଇଛି। ପ୍ରବଳ ପୋଡ଼ାଗନ୍ଧ ଫଳରେ ହସ୍ପିଟାଲର ମେଡ଼ିସିନ ୱାର୍ଡରେ ଚିକିତ୍ସିତ ରୋଗୀ ଭୟରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଖବର ପାଇ ତୁରନ୍ତ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ ଆଜି ସକାଳେ ଏଫଏମ ମେଡିକାଲ କଲେଜର କେମୋ ୱାର୍ଡ ବାହାରେ ଲାଗିଥିବା ଏସି କମ୍ପ୍ରେସରରେ ନିଆଁ ଲାଗିଯାଇଥିଲା । ସର୍ଟସର୍କିଟରୁ ଏହି ନିଆଁ ଲାଗିଥିବା ପୋଡା ଗନ୍ଧ ହେବାରୁ ରୋଗୀମାନେ ତୁରନ୍ତ ବାହାରକୁ ଚାଲିଆସିଥିଲେ । ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି ।

ବିଶିଷ୍ଟ ଅଭିନେତା ଅଜୟ ଆଚାର୍ଯ୍ୟ ଆଉ ନାହାନ୍ତି

ବାଲେଶ୍ୱର, ୦୪/୦୯ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ନାଟ୍ୟସଂସ୍ଥା ସ୍ରଷ୍ଟାର ନାଟ୍ୟ ସମ୍ପାଦକ ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଅଜୟ ଆଚାର୍ଯ୍ୟ ଗତ ୩.୯.୨୦୨୩ ରାତିରେ ହୃଦରୋଗରେ ଆକ୍ରାନ୍ତ ହୋଇ ଇହଧ୍ୟାମ ତ୍ୟାଗ କରିଛନ୍ତି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କର ଏହି ଆକସ୍ମିକ ବିୟୋଗରେ ସମଗ୍ର ବାଲେଶ୍ୱରରେ ଶୋକର ଛାୟା ଖେଳିଯାଇଛି। ଗତ ସଂଧ୍ୟାରେ ସ୍ରଷ୍ଟାର କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇ ୯.୯.୨୩ ରିଖ ସଂଧ୍ୟାରେ ବାଲେଶ୍ୱରର ସମସ୍ତ ନାଟ୍ୟପ୍ରେମୀ କଳାକାରମାନଙ୍କୁ ନେଇ ଏକ ଶୋକସଭାର ଆୟୋଜ କରାଯିବାର ସ୍ଥିର ହୋଇଅଛି। ଆଲୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ରଷ୍ଟାର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

ସରକାରଙ୍କୁ ଘେରିବାକୁ ବିଜେପିର ନୂଆ ରଣନୀତି: ପ୍ରସ୍ତୁତ କରୁଛି ୧୦୮ ଦଫା ଚାର୍ଜସିଟ

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ରାଜ୍ୟର ୧୦୮ଟି ପ୍ରସଙ୍ଗକୁ ନେଇ ବିଜେପି ପ୍ରସ୍ତୁତ କରୁଛି ଚାର୍ଜସିଟ୍ । ଫାଇଭ-ଟି ସଚିବଙ୍କ ବିଭିନ୍ନ ଜିଲ୍ଲା ଗସ୍ତ, ରାଜ୍ୟ ସରକାରଙ୍କ ବିଫଳତା, କୋଇଲା ଦୁର୍ନୀତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ନ ଯିବା ପରି ୧୦୮ ଦଫା ନେଇ ଚାର୍ଜସିଟ୍ ପ୍ରସ୍ତୁତ କରୁଛି ବିଜେପି । ବିଜେପି କହିଛି, ବିଗତ ବର୍ଷମାନଙ୍କରେ ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଅନେକ ଦୁର୍ନୀତି ହୋଇଛି । ଚାର୍ଜସିଟରେ ଏସବୁକୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତସ୍ତରରେ ଆନ୍ଦୋଳନ ଆରମ୍ଭ ହୋଇସାରିଛି । ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ଚାଲିଛି। ତେଣୁ ପଞ୍ଚାୟତ, ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ଏବଂ ରାଜ୍ୟସ୍ତରରେ ସରକାରଙ୍କ ବିରୋଧରେ ଚାର୍ଜସିଟ୍ ଦିଆଯିବ ବୋଲି ବିଜେପି କହିଛି। ସେପଟେ କଂଗ୍ରେସ କହିଛି ଲିଫଲେଟ୍ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଛାପି ଦଳ ଲୋକଙ୍କ ପାଖରେ ପହଞ୍ଚାଇବ କଂଗ୍ରେସ। ବିଜେଡି କହିଛି, ନିର୍ବାଚନକୁ ଆଉ ବର୍ଷେ ଅଛି, ଏଣୁ ସବୁ ବିରୋଧୀ ଦଳ ଏଭଳି ଅଭିଯୋଗ ଆଣିବେ । ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି, କୋଇଲା ଦୁର୍ନୀତିଠୁ ଆରମ୍ଭ କରି ଲୁହା ଦୁର୍ନୀତି, ପୁରୀ ରତ୍ନ ଭଣ୍ଡାରଠୁ ଆରମ୍ଭ କରି ୧୦୮ ପ୍ରସଙ୍ଗକୁ ନେଇ ଚାର୍ଜସିଟ୍ ପ୍ରସ୍ତୁତ କରିଛି ବିଜେପି। ଓଡ଼ିଶାର ସବୁ କାମ ତାମିଲନାଡୁ ଲୋକଙ୍କୁ ଦିଆଯାଉଛି। ୩୦ ଜିଲ୍ଲାରେ ବିଭିନ୍ନ ଦୁର୍ନୀତି ହୋଇଛି। ଯେଉଁ ଜିଲ୍ଲା, ଯେଉଁ ଅଞ୍ଚଳରେ ଯେଉଁ ଅଭିଯୋଗୁ ଗୁରୁତ୍ୱ ରହିଛି, ସେଠାରେ ତାହା ଉପରେ ଫୋକସ୍ କରାଯିବ । ▶▶ପୃଷ୍ଠା ୭

ସୁବର୍ଣ୍ଣପୁରରେ ହଷ୍ଟେଲ ନିର୍ମାଣରେ ଅର୍ଥ ଆତ୍ମସାତ୍ ଘଟଣା: ୨ ଇଞ୍ଜିନିୟର ଗିରଫ

ସୁବର୍ଣ୍ଣପୁର, ୦୪/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣରେ ୩୪ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣାରେ ଆଜି ୨ ଜଣ ଇଞ୍ଜିନିୟରଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେମାନେ ହେଉଛନ୍ତି ସୌରଭ ଦେ ଓ ସପ୍ତର୍ଷୀ ଗୋସ୍ୱାମୀ। ଦୁହେଁ ଏହି ହଷ୍ଟେଲ ନିର୍ମାଣ କରିଥିବା ହିନ୍ଦୁସ୍ତାନ ଷ୍ଟିଲ୍ ୱାର୍କ କନ୍‌ଷ୍ଟ୍ରକ୍ସନ ଲିମିଟେଡ୍‌ରେ ଯଥାକ୍ରମେ ସିନିୟର ସାଇଟ୍ ଇଞ୍ଜିନିୟର ଓ ସାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଏହା ପୂର୍ବରୁ ଏହି ମାମଲାରେ ଭିଜିଲାନ୍ସ ଠିକାଦାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପୁଅ ଦୀପକ କୁମାର ଅଗ୍ରୱାଲଙ୍କୁ ଗିରଫ କରିଥିଲା।

▶▶ପୃଷ୍ଠା ୭

ଜଟଣୀ ଜମି ବିବାଦ: ଡିସେମ୍ବରରୁ ପଟ୍ଟା ବଂଟନ

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ଦୀର୍ଘ ଏକ ଦଶନ୍ଧିରୁ ଅଧିକ ଦିନ ଧରି ନିଜର ଭିଟାମାଟିକୁ ନେଇ ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଜଟଣୀ ତହସିଲ ଅଂଚଳର ଶତାଧିକ ପରିବାରକୁ ରାଜ୍ୟ ସରକାର ପୁଣି ଆଶା ଦେଖାଇଛନ୍ତି । ପୂର୍ବରୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତିଠୁ ଆରମ୍ଭ କରି ଉଚ୍ଚସ୍ତରୀୟ ବୈଠକରେ ଏହି ଜମିଗୁଡ଼ିକର ମାଲିକାନା ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଫଳପ୍ରଦ ହୋଇପାରିନି । ତେବେ ଜଟଣୀ ଖାସମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ଆସନ୍ତା ଡିସେମ୍ବର ମାସରୁ ପଟ୍ଟା ବଂଟନ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ୫୩୭ଟି ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଜିଲ୍ଲା ଗସ୍ତ ସମୟରେ ଜଟଣୀ ତହସିଲରେ ଖାସମାହଲ ସମସ୍ୟା ସମ୍ପର୍କରେ ସାଧାରଣ ଲୋକେ ତାଙ୍କୁ ଅବଗତ କରିଥିଲେ । ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଆଜି ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି । ୩ମାସ ମଧ୍ୟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଆଗାମୀ ଡିସେମ୍ବର ମାସରୁ ଲୋକଙ୍କୁ ପଟ୍ଟା ବଂଟନ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ୫୩୭ଟି ପରିବାର ଉପକୃତ ହେବେ । ସେହିପରି ଭୁବନେଶ୍ୱର ତହସିଲରେ ପତିତ ଜମିର ସତ୍ତ୍ୱ ନେଇ ଦୀର୍ଘ ୬୦ବର୍ଷ ଧରି ସମସ୍ୟା ଲାଗି ରହିଛି । ଏ ସମ୍ପର୍କରେ ବିଭିନ୍ନ ରାଜସ୍ୱ ଅଦାଲତରେ ୧୦୫୪ଟି ମାମଲା ଚାଲିଛି । ଏହି ପତିତ ଜମି ସମ୍ପର୍କରେ ଗଠିତ ରାଜସ୍ୱ ବିଭାଗର ଟାସ୍କଫୋର୍ସ ଦ୍ୱାରା ନିର୍ଦ୍ଧାରିତ ଏସଓପି ଭିତ୍ତିରେ ସମସ୍ୟାର ସମାଧାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଆଜିର ବୈଠକରେ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ସଚିବ ▶▶ପୃଷ୍ଠା ୭

୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଉତର ଓଡ଼ିଶାର ଅନେକ ସ୍ଥାନରେ ତୀବ୍ର-ବୃଷ୍ଟିପାତ ଲାଗିରହିଛି। ଏହାର ପ୍ରଭାବରେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ୪ ଓ ୫ ତାରିଖରେ ଅଧିକ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଆଗାମୀ ୨୪ଘଂଟା ମଧ୍ୟରେ ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ▶▶ପୃଷ୍ଠା ୭

ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଯୌତୁକ ନିର୍ଯ୍ୟାତନା ନାଁରେ ମିଥ୍ୟା ଅଭିଯୋଗ ଚରମ ନିଷ୍ଠୁରତା: ଏଭଳି ଭୁଲର କ୍ଷମା ନାହିଁ

ନୂଆଦିଲ୍ଲୀ,୦୪/୦୯ : ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଯୌତୁକ ନିର୍ଯ୍ୟାତନା ନାଁରେ ମିଥ୍ୟା ଅଭିଯୋଗ ଆଣିବା ଚରମ ନିଷ୍ଠୁରତା । ଏଭଳି ଭୁଲ କ୍ଷମା ନାହିଁ ବୋଲି କୋର୍ଟ କହିଛନ୍ତି । ଏକ ଛାଡପତ୍ର ମାମଲାରେ ଶୁଣାଣି କରି ଏଭଳି ରାୟ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । କୌଣସି ବୈବାହିକ ସମ୍ପର୍କର ଆଧାର ହେଉଛି ସହବାସ ଓ ବୈବାହିକ ସମ୍ପର୍କ । ଦମ୍ପତି ପରସ୍ପର ସହବାସରୁ ବଞ୍ଚିତ ହେଲେ ସମ୍ପର୍କ ତିଷ୍ଠି ରହି ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଜଣେ ଅନ୍ୟ ଜଣଙ୍କୁ ବୈବାହିକ ସମ୍ପକରୁ ବଞ୍ଚିତ ରଖିବା ଅତ୍ୟନ୍ତ ନିଷ୍ଠୁରତା ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ନିଷ୍ଠୁରତା ଅଧାରରେ ଅଲଗା ରହୁଥିବା ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ପରିବାର ଅଦାଲତ ଅନୁମତି ଦେଇଥିଲେ । ଯାହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ ପତ୍ନୀ । ହେଲେ ଉଚ୍ଚ ନ୍ୟାୟଳୟ ମହିଳାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ୨୦୧୪ରୁ ୯ ବର୍ଷ ଧରି ସ୍ୱାମୀ ସ୍ତ୍ରୀ ଅଲଗା ରହୁଥିଲେ । ଯାହା ମାନସିକ ନିଷ୍ଠୁରତା ବୋଲି କୋର୍ଟ କହିଛନ୍ତି । ହିନ୍ଦୁ ବିବାହ ଆଇନ ଅନୁସାରେ ଏଭଳି କ୍ଷେତ୍ରରେ ନିଷ୍ଠୁରତା ଆଧାରରେ ବୈବାହିକ ସମ୍ପର୍କକୁ ତୁରନ୍ତ ବିଚ୍ଛେଦ କରାଯିବା ଉଚିତ୍ ବୋଲି କହିଛନ୍ତି ଜଷ୍ଟିସ୍ ସୁରେଶ କାଇତ ଓ ନୀନା ବଂଶଲ ।

ଓଟିଇଟି ଫଳ ପ୍ରକାଶ ପାଇବା ପରେ ବିବାଦ: ବୋର୍ଡ ଅଫିସ ସମ୍ମୁଖରେ ପରୀକ୍ଷାର୍ଥୀଙ୍କ ହୋହଲ୍ଲା

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ଓଟିଇଟି ଫଳ ପ୍ରକାଶ ପାଇବା ପରେ ଆରମ୍ଭ ହୋଇଛି ବିବାଦ। ପ୍ରଶ୍ନପତ୍ରରେ ତ୍ରୁଟି ସହ ଫଳ ପ୍ରକାଶନରେ ମଧ୍ୟ ଅନେକ ତ୍ରୁଟି ଥିବା ଅଭିଯୋଗ କରିବା ସହିତ ସଠିକ୍ ମୂଲ୍ୟାୟନ ଦାବି କରି ଆଜି ଶତାଧିକ ପରୀକ୍ଷାର୍ଥୀ କଟକ ସ୍ଥିତ ବୋର୍ଡ (ମାଧ୍ୟମିକ ଶିକ୍ଷା ପରିଷଦ) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ହୋହଲ୍ଲା କରିଥିଲେ। ଏହି ପରୀକ୍ଷାର୍ଥୀମାନେ କହିଛନ୍ତି, ଚଳିତ ବର୍ଷ ଜୁନିୟର ଟିଚର ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପୂର୍ବରୁ ଓଟିଇଟି କରାଯାଉ। ଆଉ ୨୦୨୨ ଓଟିଇଟିରେ ଯେଉଁ ପିଲାମାନଙ୍କର ଭୁଲ୍ ମୂଲ୍ୟାୟନ କରାଯାଇଛି, ସେମାନଙ୍କୁ ସଠିକ ମାର୍କ ଦିଆଯାଉ। ତା'ସହିତ ଓଏମ୍‌ଆର ଶିଟ୍ ରିଲିଜ୍ କରାଯାଉ। ଓଏମ୍‌ଆର ଶିଟ୍ ରିଲିଜ୍ କଲେ ପିଲାମାନେ ଜାଣି ପାରିବେ ସେମାନେ କେତେ ଭୁଲ୍ କରିଛନ୍ତି ଓ କେତେ ଠିକ୍ କରିଛନ୍ତି। ତା'ପରେ ସେମାନେ କେସ୍ କରିବେ ଅବା ଆଉ କ'ଣ ପଦକ୍ଷେପ ନେବେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଡେରିରେ ଆନସର କି ଆସିଥିଲା। ସେଥିରେ ଭୁଲ୍ ଥିଲା। ଆମେ ଏନେଇ ଚ୍ୟାଲେଞ୍ଜ କରିଥିଲୁ। ତା'ପରେ ଫାଇନାଲ ଆନସର କି ଆସିଲା। କିନ୍ତୁ ସେଥିରେ ବି ଭୁଲ୍ ଥିଲା। ଆଉ ଗୋଟେ ବଡ଼ କଥା ହେଉଛି, ବୋର୍ଡ ଆମକୁ ଯେଉଁ ଫାଇନାଲ କି ଦେଲା, ସେହି ଅନୁସାରେ ଯଦି ଜଣେ ପିଲା କ୍ୱାଲିଫାଏ ହୋଇଛି, ତାଙ୍କୁ ମଧ୍ୟ ନଟ୍-କ୍ୱାଲିଫାଏ କରି ଦିଆଯାଇଛି। ଅନ୍ୟପକ୍ଷରେ ବୋର୍ଡ ପକ୍ଷରୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରାଯାଇଛି। ▶▶ପୃଷ୍ଠା ୭

ତସ୍ମୈ ଶ୍ରୀ ଗୁରବେ ନମଃ

୨

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ମଙ୍ଗଳବାର, ୦୫ ସେପ୍ଟେମ୍ବର, ୨୦୨୩

ଗୁରୁ ଦିବସ

ବିଶ୍ୱବିଜୟୀ ଦାଶ

ଭାରତବର୍ଷର ଗୁରୁଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଗୁରୁଙ୍କର ସଂଜ୍ଞା ନିରୂପଣ କରାଯାଇ ଯଥାର୍ଥରେ କୁହାଯାଇଛି ଯେ-

"ଗୁକାରୋନ୍ଧକାରସ୍ତୁ
ଗୁକାରସ୍ତନ୍ନିବର୍ତ୍ତକଃ
ଅନ୍ଧକାର ନିବୃତ୍ୟାକୁ
ଚାରୁରିତ୍ୟଭିଧୀୟତେ ।"

ଅର୍ଥାତ୍ 'ଗୁ' ଅର୍ଥ ଅନ୍ଧକାର, 'ରୁ'ଅର୍ଥ ଅଜ୍ଞାନ । ଛାତ୍ରଛାତ୍ରୀ ମାନଙ୍କର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଶିକ୍ଷକମାନେ ସମର୍ଥ ହୋଇଥିବାରୁ ତାଙ୍କୁ 'ଗୁରୁ' ଆଖ୍ୟା ପ୍ରଦାନ କରାଯାଇଛି ।

ପୁନଶ୍ଚ :-

"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ
ତସ୍ମୈଶ୍ରୀ ଗୁରୁବେ ନମଃ ।"

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ସେ ମଧ୍ୟ ପରଂବ୍ରହ୍ମ ସଦୃଶ ପ୍ରତୀୟମାନ ହୋଇଥା'ନ୍ତି । ଏଣୁ ଗୁରୁଙ୍କୁ କୋଟି ନମସ୍କାର ସର୍ବାଦୌ କରଣୀୟ । ମୁଖ୍ୟତଃ ଗୁରୁ ହେଉଛନ୍ତି ଦେବତା ସମାନ । ତାଙ୍କରି ଶୁଭାଶିଷ ଲାଭ କରି ଶିଷ୍ୟ ପ୍ରକୃତ ମନୁଷ୍ୟତା ଲାଭ କରିଥାଏ । ଗୁରୁକୃପା ହିଁ ଛାତ୍ର-ଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାଏ ।ଏଣୁ ଗୁରୁଭକ୍ତି ଛାତ୍ରଛାତ୍ରୀଙ୍କର ଭୂଷଣ ହେବା ଦରକାର ।ଅପରପକ୍ଷରେ ଗୁରୁଙ୍କର ଶୁଭଦୃଷ୍ଟି ଛାତ୍ରଙ୍କ ଉପରେ ପଡ଼ିବା ଆବଶ୍ୟକ ।ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଉଛି ।ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି ।

ଡକ୍ଟର ରାଧାକ୍ରିଷ୍ଣନ ଏକାଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, ଭାରତ ବର୍ଷର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ ।

୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟନୀଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ । ରାଧାକ୍ରିଷ୍ଣନଙ୍କ ଶୈଶବ ତିରୁଟନୀ ଓ ତିରୁପତିରେ କଟିଥିଲା । ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ରାଧାକ୍ରିଷ୍ଣନ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ରାଧାକ୍ରିଷ୍ଣନ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାଡ୍ ବିଶ୍ୱବିଦ୍ୟାଳୟ, ମାଂଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିଲେ । ୧୯୪୯ରେ ସୋଭିଏତ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ ଏବଂ ୧୯୫୪ରେ ତାଙ୍କୁ ମିଳିଥିଲା ସମ୍ମାନଜନକ ଭାରତ ରତ୍ନ ।ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା । ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ । ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟ ଜଣେ' । ଗୁରୁ ଓ ରାସ୍ତା ଏକାପରି । ସେମାନେ ଗୋଟିଏ ଜାଗାରେ ଥିବେ, କିନ୍ତୁ

ଆଗକୁ ବଢିବାକୁ ପ୍ରୋତ୍ସାହିତ କରିବେ । ଏହା ହିଁ ତ ଗୁରୁଙ୍କ ମହାନତା । ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ । କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ । ଗୁରୁ ହିଁ ପ୍ରେରଣାର ଉତ୍ସ । ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ । କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କ'ଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି । ତେଣୁ ଉଭୟ ତାର ପ୍ରଥମ ଗୁରୁ । ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ? ସେହିଭଳି ନିଜ ବାପା-ମାଆଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ୍ । ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ

ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ । ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍? ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା ।

ମୋ ଜୀବନର ପ୍ରତ୍ୟେକ ଟି ପାହାଚରେ ଶିକ୍ଷା ଦେଇ ଆସିଥିବା ସମସ୍ତ ଗୁରୁଙ୍କୁ ପବିତ୍ର ଗୁରୁ ଦିବସ ଉପଲକ୍ଷେ ମୋର ପ୍ରଣାମ ।

+ଯୁବ ସ୍ତମ୍ଭକାର
ବି.ଏସସି,ବି.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା), ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା- ୭୫୨୦୩୫
ମୋ: ୬୩୭୦୨୦୮୪୨୮

ଏକଲବ୍ୟ

କାନନ ବାଳା ନାୟକ

'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।'

ଯାହାର ଅର୍ଥ -

ଗୁରୁ ହେଉଛନ୍ତି ସୃଷ୍ଟି କର୍ତ୍ତା ଯିଏ ବ୍ରହ୍ମାଙ୍କ ରୂପ ଧାରଣ କରି ଶିଷ୍ୟ ସୃଷ୍ଟି କରନ୍ତି ତ ବିଷ୍ଣୁ ରୂପରେ ଶିଷ୍ୟକୁ ଜ୍ଞାନ ପ୍ରଦାନ କରି ତାର ସମସ୍ତ ଜୀବନକୁ ପରିପୁଷ୍ଟ କରନ୍ତି । ଆଉ କେବେ କେବେ ସଂହାର କର୍ତ୍ତା ମହେଶ୍ୱର ବା ଶିବ ସାଜି ଛାତ୍ର ଜୀବନରୁ ସମସ୍ତ ଆବିଳତାକୁ ସଂହାର କରନ୍ତି ।

ଗୁରୁ ଶିଷ୍ୟ ସମ୍ପର୍କରେ ଗୁରୁଙ୍କର ଶିଷ୍ୟ ପାଇଁ ଥିବା ସ୍ନେହ ଓ ଶିଷ୍ୟର ଗୁରୁ ପ୍ରତି ଥିବା ଅଗାଢ ଭକ୍ତି ଦେଖିବାକୁ ମିଳେ । ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ଚର୍ଚ୍ଚା କରିବା ସମୟରେ ଯେଉଁ ଗୁରୁ ଶିଷ୍ୟଙ୍କ ନାମ ଆଗକୁ ଆସେ ସେଗୁଡିକ ସେମାନେ ହେଉଛନ୍ତି ଗୁରୁ ଧୌମ୍ୟଙ୍କ ଶିଷ୍ୟ ଅରୁଣୀ, ଉପମନ୍ୟୁ ବେଦ, ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ଏକଲବ୍ୟ ଓ ଅର୍ଜୁନ ରାମକୃଷ୍ଣ ପରମହଂସ ଙ୍କ ଶିଷ୍ୟ ବିବେକାନନ୍ଦ ପ୍ରଭୃତି ।

ଏଇ ଭିତରୁ ଗୋଟିଏ ସ୍ୱତନ୍ତ୍ର ଯୋଡ଼ି ହେଉଛନ୍ତି ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ । ହୁଏତ ପାଠକ ମାନେ ଅନୁଭବ କରି ପାରନ୍ତି ଯେ ଯେଉଁ ଗୁରୁ ଗୋଟେ ଶିଷ୍ୟକୁ ଶ୍ରେଷ୍ଠ କରି ଗଢି ତୋଳିବା ପାଇଁ ଅନ୍ୟ ଜଣେ ଶିଷ୍ୟର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଠିକୁ ଗୁରୁ ଦକ୍ଷିଣା ମାଧ୍ୟମରେ ମାଗି ନେଲେ ସେ ଗୁରୁ କେମିତି ସ୍ୱତନ୍ତ୍ର ହେଲେ । ଅନେକ ଅନୁଧ୍ୟାନ କରିବା ପରେ ଜଣା ପଡିଲା ଯେ ଗୁରୁ ଦ୍ରୋଣଙ୍କ ଉପରେ ଲାଗିଥିବା ଅନେକ ଆରୋପ ପ୍ରକୃତ ମହାଭାରତରୁ ଉଦ୍ଧୃତ ନୁହଁ । ତିନି ତୁଣ୍ଡରେ ଛେଳି କୁକୁର ଭଳି ଆମର ପୁରାଣ ଶାସ୍ତ୍ର ସବୁ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଅନୁବାଦିତ ହୋଇ ଅନେକ ଭ୍ରମାତ୍ମକ ତଥ୍ୟ ଆମ ମାନଙ୍କ ମନରେ ସ୍ଥାନ ଗ୍ରହଣ କରିଛି ।

କଥା ରେ ଅଛି ନଦୀକୁ ରାସ୍ତା ଦେଖାଇବାକୁ ପଡେନି । ସେ ନିଜ ପାଇଁ ନିଜେ ରାସ୍ତା ତିଆରି କରିଥାଏ । ଏହି ପରି ଏକ ବ୍ୟକ୍ତିତ୍ୱ ହେଉଛନ୍ତି ନିଷାଦ ରାଜା ହିରଣ୍ୟଧନୁଙ୍କ ସୁପୁତ୍ର ଏକଲବ୍ୟ । ଯିଏକି ନିଜର କୌଶଳ ଓ ଗୁରୁଭକ୍ତି ପାଇଁ ଯୁଗ ଯୁଗ ପାଇଁ ଇତିହାସ ରେ ନିଜ ନାମକୁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି ।

ଦ୍ୱାପର ଯୁଗରେ ପ୍ରୟାଗ ରାଜ ନିକଟରେ ଶୃଙ୍ଗବେର ପୁର୍ ବୋଲି ଗୋଟେ ରାଜ୍ୟ ଥିଲା । ସେଇ ରାଜ୍ୟର ରାଜାଙ୍କ ନାମ ଥିଲା ହିରଣ୍ୟଧନୁ ।

ସେଇ ରାଜ୍ୟରେ ନିଷାଦ ଜାତିର ଲୋକମାନେ ବସବାସ କରୁଥିଲେ । ସେଇ ନିଷାଦ ରାଜ୍ୟର ରାଜାଙ୍କ ନାମ ଥିଲା ହିରଣ୍ୟଧନୁ । ରାଜା ହିରଣ୍ୟଧନୁଙ୍କର ଏକ ଦତ୍ତକ ପୁତ୍ର ଥିଲେ । ଯାହାଙ୍କ ନାମ ଥିଲା ଅଭିଦ୍ୟୁମ୍ନ ବା ଅଭୟ । କେତେକ ଲେଖାରେ ଉଲ୍ଲେଖ ଅଛି ଯେ ଅଭିଦ୍ୟୁମ୍ନ ଭଗବାନ ଶ୍ରୀକୃଷ୍ଣଙ୍କ କକା ଦେବଶ୍ରବାଙ୍କ ପୁତ୍ର ଥିଲେ ଏବଂ ଜୋତିଷ୍କଙ୍କ ଭବିଷ୍ୟତ ବାଣୀ ଶୁଣି ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ତାଙ୍କୁ ତାଙ୍କର ପିତା ରାଜା ହିରଣ୍ୟଧନୁଙ୍କୁ ଦତ୍ତକ ପୁତ୍ର ହିସାବରେ ଦାନ କରି ଦେଇଥିଲେ । ନିଷାଦ ଜାତିର ମୁଖ୍ୟ ପେଷା ଥିଲା ଶୀକାର ।

ନିଷାଦ ରାଜ କୁମାର ଶୈଶବ କାଳ ରୁ ଧନୁ ତୀର ଚାଳନା କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ ଥିଲେ । ପିଲା ବେଳେ ଗୁରୁକୂଳରେ ସେ ଏକାଗ୍ର ଚିତ୍ତରେ ଧନୁ ଚାଳନା ଅଭ୍ୟାସ କରୁଥିଲେ । ଦିନେ ମହାନ୍ ଋଷି ପୁଲକ ସେଇ ଆଶ୍ରମକୁ ଆସି ଥାଆନ୍ତି । ନିଷାଦ ରାଜ କୁମାର ଏକଲବ୍ୟକୁ ଏକାଗ୍ର ଚିତ୍ତରେ ଅଭ୍ୟାସ କରୁଥିବାର ଦେଖି ପୁଲକ ମୁନି ତାଙ୍କ ନାମ ଏକଲବ୍ୟ ରଖିଥିଲେ ।ସେ

ଏକଲବ୍ୟ ଙ୍କ ବାପା ହିରଣ୍ୟଧନୁ ଙ୍କୁ ପରାମର୍ଶ ଦେଇଥିଲେ ଏକଲବ୍ୟଙ୍କୁ ଜଣେ ଧର୍ନୁବିଦ୍ୟାରେ ପ୍ରବୀଣ ଗୁରୁଙ୍କ ପାଖକୁ ନେଇ ଧର୍ନୁବିଦ୍ୟା ଶିକ୍ଷା ଦେବା ପାଇଁ ।

ତାଙ୍କ ପରାମର୍ଶ ମାନି ରାଜା ହିରଣ୍ୟଧନୁ ଏକଲବ୍ୟ ଙ୍କୁ ନେଇ ଧର୍ନୁବିଦ୍ୟାରେ ପ୍ରସିଦ୍ଧ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ନେଇ ଯାଇଥିଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ସେ ସମୟରେ ହସ୍ତିନା ପୁରର ରାଜ କୁମାର ମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ଅନୁବନ୍ଧିତ ହୋଇ ଥାଆନ୍ତି । ତେଣୁ ସେ ଏକଲବ୍ୟ କୁ ଶିକ୍ଷା ପ୍ରଦାନ କରି ପାରିବେ ନାହିଁ ବୋଲି ମନା କରି ଦେଇଥିଲେ ।

କେତେକ ଲେଖାରେ ଉଲ୍ଲେଖ ଅଛି ଏକଲବ୍ୟ ନୀଚ ଜାତିରେ ଜନ୍ମ ଗ୍ରହଣ କରିଥିବା ହେତୁ ଗୁରୁ ଦ୍ରୋଣ ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରି ନଥିଲେ ।

ଏକଲବ୍ୟ କିନ୍ତୁ ନିଜ ଲକ୍ଷରୁ ଓହରି ନଥିଲା । ସେ ଜଙ୍ଗଲ ଭିତରକୁ ଯାଇ ଏକ କୁଟିଆ ତିଆରି କଲା । କୁଟିଆଠାରୁ ଗୁରୁ ଦ୍ରୋଣଙ୍କ ଆଶ୍ରମ ମଧ୍ୟରେ ଥିବା ଗଛଲତାକୁ କାଟି ସଫା କରି ଦେଲା । ଯାହା ଫଳରେ ସେ ଦୂରରେ ଥିଲେ ମଧ୍ୟ ଗୁରୁ ଦ୍ରୋଣ ରାଜ କୁମାରଙ୍କୁ ଦେଉଥିବା ଶିକ୍ଷାକୁ ଦେଖି ପାରିବ । ସେ କୁଟିଆରେ ଗୁରୁ ଦ୍ରୋଣଙ୍କର ମାଟିର ଏକ ମୂର୍ତ୍ତି ବନାଇଲା । ତାକୁ ଗୁରୁ ବୋଲି ମାନି ତାକୁ ପୂଜାର୍ଚ୍ଚନା କଲା ଏବଂ ନିରନ୍ତର ଅଭ୍ୟାସ ଜାରି ରଖିଲା । କଥାରେ ଅଛି ନିରନ୍ତର ଅଭ୍ୟାସ କଲେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ହେବ ।

ଦିନେ ଗୁରୁ ଦ୍ରୋଣ ତାଙ୍କ ଶିଷ୍ୟ ମାନଙ୍କୁ ବିଭିନ୍ନ ଯୁଦ୍ଧ କୌଶଳ ଶିଖାଇବା ପାଇଁ ଜଙ୍ଗଲ ମଧ୍ୟକୁ ନେଇ ଯାଇଥାଆନ୍ତି । ତାଙ୍କ ସହିତ ଗୋଟିଏ ଶ୍ୱାନ ମଧ୍ୟ ଆସି ଥାଏ । ଏକଲବ୍ୟ ସେ ସମୟରେ ତା କୁଟିଆରେ ଅଭ୍ୟାସ ରତ ଥିଲେ । ଏକଲବ୍ୟକୁ ଦେଖି ଶ୍ୱାନଟି ଭୁକିବାକୁ ଲାଗିଲା । ଶ୍ୱାନର ରଡ଼ି ଶୁଣି ଏକଲବ୍ୟର ଅଭ୍ୟାସ ରେ ବାଧାପ୍ରାପ୍ତ ହେଲା । ତେଣୁ ଏକଲବ୍ୟ ତୀର ମାରି ଶ୍ୱାନର ପାଟିକୁ ବନ୍ଦ କରିଦେଲା । ହଠାତ୍ ଶ୍ୱାନର ରଡ଼ି ବନ୍ଦ ହୋଇ ଯିବାର ଦେଖି ଗୁରୁ ଦ୍ରୋଣ ତାଙ୍କ ଶିଷ୍ୟ ମାନଙ୍କୁ ଧରି ରଡ଼ି ଆସୁଥିବା ଦିଗରେ ଅଗ୍ରସର ହେଲେ । ଶ୍ୱାନଟିକୁ ଦେଖି ଗୁରୁ ଦ୍ରୋଣଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ।

କାରଣ ଶ୍ୱାନଟିର ପାଟି ତୀରରେ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ଜାଗାରୁ ରକ୍ତ କ୍ଷରଣ ହେଉ ନଥିଲା । ଗୁରୁ ଦ୍ରୋଣ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନକୁ ଡ଼ାକି କହିଲେ ଅଦ୍ଭୁତ ବସ୍ତ । ହେଲେ ମୁଁତ ଏ ପର୍ଯ୍ୟନ୍ତ ଏଇ ଶବ୍ଦ ଭେଦି ବାଣର ଶିକ୍ଷା ତୁମକୁ ଦେଇନାହିଁ । ତୁମେ ଏଇ ବିଦ୍ୟା କେଉଁଠାରୁ ଶିକ୍ଷା ଲାଭ କଲ । ଅର୍ଜୁନ କହିଲେ କ୍ଷମା କରିବେ ଗୁରୁ ଦେବ ଏଇ ତୀର ମୋର ନୁହେଁ ।

ଗୁରୁ ଦ୍ରୋଣ କହିଲେ ଯଦି ଏଇ ବାଣ ତୁମର ନୁହେଁ ତେବେ ଏଇ ବାଣ କାହାର ? ଏବଂ ଆଖପାଖ ରେ ସେଇ ବ୍ୟକ୍ତିଙ୍କୁ ଖୋଜିବାକୁ ଲାଗିଲେ । ସେଇ ସମୟରେ ଶ୍ୱାନଟି ଗୋଟେ ଦିଗକୁ ଦଉଡ଼ିବାରେ ଲାଗିଲା । ଗୁରୁ ଦ୍ରୋଣ ଶିଷ୍ୟ ଶ୍ୱାନଟିକୁ ଅନୁସରଣ କଲେ । କିଛି ବାଟ ଗଲାପରେ ଶ୍ୱାନଟି ଗୋଟିଏ ଯାଗାରେ ଅଟକି ଗଲା । ଗୁରୁ ଦ୍ରୋଣ ଜଣେ ଯୁବକକୁ ଏକାଗ୍ର ଚିତ୍ତରେ ଧନୁ ଚାଳନା କରୁଥିବା ର ଲକ୍ଷ କଲେ ।ସେ ସେ ଯୁବକଙ୍କ ପାଖକୁ ଯାଇ ତାଙ୍କୁ ତାଙ୍କର ପରିଚୟ ମାଗିଲେ । ଏକଲବ୍ୟ ନିଜକୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ଏକଲବ୍ୟ ବୋଲି କହି ନିଜର ପରିଚୟ ପ୍ରଦାନ କଲେ । ଗୁରୁ ଦ୍ରୋଣ କହିଲେ ହେଲେ ମୁଁ ତୁମକୁ କେବେ ଶିକ୍ଷା ଦେଇ ନାହିଁ । ଆଉ ତୁମେ ଗୁରୁ ଦ୍ରୋଣଙ୍କୁ ଅର୍ଥାତ୍ ମୋତେ ତୁମ ଗୁରୁ ବୋଲି କହୁଛ ?

ଗୁରୁଙ୍କ କଥା ଶୁଣି ଏକଲବ୍ୟ କହିଲା ମନେ ଅଛି ଗୁରୁ ଦେବ ଧର୍ନୁବିଦ୍ୟା ବିଦ୍ୟାଶିକ୍ଷା ଲାଭ କରିବା ପାଇଁ ମୁଁ ଆପଣଙ୍କ ପାଖକୁ ଯାଇଥିଲି କିନ୍ତୁ ଆପଣ ମୋତେ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ । ମୁଁ କିନ୍ତୁ ଆପଣଙ୍କୁ ମୋ ଗୁରୁ ବୋଲି ମାନି ନେଇଥିଲି ତେଣୁ ଆଉ ନିଜ ରାଜ୍ୟକୁ ଫେରି ନ ଯାଇ ଏଇଠି କୁଟିଆରେ ଆପଣଙ୍କର ଏକ ମୃଣ୍ମୟ ମୂର୍ତ୍ତି ତିଆରି କରି ତାକୁ ଗୁରୁ ବୋଲି ମାନି ତା ସମ୍ମୁଖରେ ଧର୍ନୁବିଦ୍ୟା ଅଭ୍ୟାସ କରୁଛି । ଏକଲବ୍ୟର କଥା ଶୁଣି ଗୁରୁ ଦ୍ରୋଣ ଆଶ୍ଚର୍ଯ୍ୟ ହେଲେ ମାଟିର ମୂର୍ତ୍ତିର ସମ୍ମାରେ ଅଭ୍ୟାସ କରି କେହି ଜଣେ କେମିତି ଏମିତି ଅସାଧାରଣ ଧର୍ନୁବିଦ୍ୟାର ଅଧିକାରୀ ହୋଇ ପାରିବ ।

ସେ ଏକଲବ୍ୟ ଠୁ ଜାଣିବାକୁ ପାଇଲେ ସେ ଧର୍ନୁବିଦ୍ୟା ଶିକ୍ଷା ଦେଉଥିବା ସମୟରେ ଏକଲବ୍ୟ ଦୂରରେ ଥାଇ ତାକୁ ଏକନିଷ୍ଠ ହୋଇ ଅନୁଧ୍ୟାନ କରୁଛି ଏବଂ ତାକୁ ଅଭ୍ୟାସ କରି ସେ ଧର୍ନୁବିଦ୍ୟାରେ ଏମିତି ପ୍ରବୀଣ ହୋଇ ପାରିଛି ।

ଏକଲବ୍ୟର ଧର୍ନୁବିଦ୍ୟା ଚାଳନାର ଦକ୍ଷତାକୁ ଦେଖି ଗୁରୁ ଦ୍ରୋଣ ତାଙ୍କୁ ଏ ବିଦ୍ୟାକୁ ସେ କିପରି ଭାବରେ ଉପଯୋଗ କରିବ ବୋଲି ପ୍ରଶ୍ନ କରିଥିଲେ । ଗୁରୁ ଦ୍ରୋଣଙ୍କ ପ୍ରଶ୍ନର ଉତ୍ତରରେ ଏକଲବ୍ୟ କହିଥିଲା ଧର୍ନୁବିଦ୍ୟା ଶିକ୍ଷା ଶେଷ ପରେ ସେ ତା ରାଜ୍ୟକୁ ଫେରିଯିବ ଏବଂ ପିତାଙ୍କ ପରେ ମଗଧର ରାଜା ଜରାସନ୍ଧଙ୍କ ସେନାବାହିନୀରେ ସେନାପତି ଭାବରେ କାମ କରିବ ।

ଗୁରୁ ଦ୍ରୋଣ ଜଣେ ତ୍ରିକାଳଦର୍ଶୀ ଗୁରୁ ଥିଲେ । ଭବିଷ୍ୟତରେ ହେବାକୁ ଥିବା ମହାଭାରତ ଯୁଦ୍ଧରେ ଏକଲବ୍ୟ ଅର୍ଜୁନଙ୍କ ପାଇଁ ଜଣେ ବଡ଼ ବିପତ୍ତି ହେବ ଦେଖି ଗୁରୁ ଦ୍ରୋଣ ତାଙ୍କୁ ସେଥିରୁ ନିବୃତ୍ତ ରଖିବା ପାଇଁ ଏକଲବ୍ୟଙ୍କୁ କହିଲେ, ବତ୍ସ ତୁମେ ଯଦ

ରୂପେଲି ପରଦାରେ ଶିକ୍ଷକ

ଅଭୟ କୁମାର ଦାସ

ଆଜି ଗୁରୁଦିବସ। ଅନେକ ହୁଏତ ଜାଣିନଥିବେ ଶିକ୍ଷକ ମାନଙ୍କ ଭୂମିକାକୁ ନେଇ ଅନେକ ସିନେମା ତିଆରି ହୋଇଛି। ତାହାରି ଉପରେ ଆଜିର ଆଲୋଚନା। ୧୯୫୫ ମସିହାରେ 'ଶ୍ରୀ ୪୨୦' ଚଳଚ୍ଚିତ୍ରରେ ନର୍ଗିସଙ୍କୁ ଦେଖିବାକୁ ମିଳିଥିଲା ପରଦାରେ ପିଲାଙ୍କୁ ଗୀତ ମାଧ୍ୟମରେ ପଢ଼ାଇଥିବା ଶିକ୍ଷୟିତ୍ରୀ ରୂପରେ । ଗୀତଟି ଥିଲା - 'ଇଚକ ଦାନା ବିଚକ ଦାନା.... । ଜଣେ ସ୍ନେହମୟୀ ଶିକ୍ଷୟିତ୍ରୀ ଭାବରେ ସେ ଦର୍ଶକଙ୍କ ମନ କିଣିନେଇଥିଲେ । ଠିକ୍ ସେହିଭଳି 'ଜାଗୃତି' ଚଳଚ୍ଚିତ୍ରରେ ସେତେବେଳକାର ସୁପର ତାରକା ଅଭି ଭଟ୍ଟାଚାର୍ଯ୍ୟ ମଧ୍ୟ ଗୀତ ମାଧ୍ୟମରେ ପିଲାଙ୍କୁ ଭାରତର ଇତିହାସ ପଢ଼ାଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏ ଥିଲା ୧୯୫୪ ମସିହାର କଥା ।

'ବୁଟ୍ ପଲିସ' ଚଳଚ୍ଚିତ୍ରରେ ଡେଭିଡ୍ ଆବ୍ରାହମ୍ ଜନ୍ ଚାଚା ନାମରେ ଜଣେ ଶିକ୍ଷକ ଭୂମିକାରେ ଅଭିନୟ କରି ଭିକ୍ଷାବୃତ୍ତିରେ ପେଟ ପୋଷୁଥିବା ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଇବା ଦାୟିତ୍ୱ ବହନ କରିଥିଲେ । ଏ ଚଳଚ୍ଚିତ୍ରଟି ମଧ୍ୟ ସେ ୧୯୫୫ରେ ମୁକ୍ତିଲାଭ କରିଥିଲା । ୧୯୬୬ରେ ଆସିଲା 'ଅନୁପମା' ଏଥିରେ ମଧ୍ୟ ଶିକ୍ଷକର ଆଦର୍ଶକୁ ଖୁବ୍ ସମ୍ମାନ ଦିଆଯାଇଥିଲା । ୧୯୬୪ରେ ଦିଲ୍ଲୀପ କୁମାରଙ୍କ 'ଲିଡ଼ର' ଆସେ ପରଦାକୁ । ଏ ଚଳଚ୍ଚିତ୍ରରେ ପିଲାଙ୍କ ସ୍ୱାର୍ଥରକ୍ଷା ପାଇଁ ଶିକ୍ଷକ ଭୂମିକାରେ ଅଭିନୟ କରିଥିବା ମହାନାୟକ ଦିଲୀପ କୁମାର ଅଭିଭାବକଙ୍କ ବିରୋଧରେ ସ୍ୱର ଉଠାଇଥିଲେ । ଚାଲନ୍ତୁ ଫେରିବା ୧୯୫୨ ମସିହାକୁ ଗୁରୁ-ଛାତ୍ର ପରମ୍ପରା ପ୍ରତିଫଳିତ ହେଉଥିଲା ସେତେବେଳେ ଚଳଚ୍ଚିତ୍ରରେ । ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଉଥିଲା । ବିନ୍ ଗୁରୁ ଜ୍ଞାନ କାହାଁ ସେ ପାଉ - ଏହା ଥିଲା ସେତେବେଳକାର ଛାତ୍ରଙ୍କ ମନୋଭାବ । 'ବୈଜୁ ବାଓ୍ୱରା' ଚଳଚ୍ଚିତ୍ରରେ ଗୁରୁ-ଛାତ୍ରଙ୍କ ଏ ପରମ୍ପରା ଦେଖିବାକୁ ମିଳିଛି । ନାମ ତଡ଼ପତା ହରି ଦରଶନ, ଗୀତରେ ଗୁରୁଙ୍କ ପ୍ରତି ଛାତ୍ରର ଭକ୍ତି ଏବଂ ସମର୍ପଣ ଭାବ ଦେଖିବାକୁ ମିଳିଥିଲା । ୧୯୬୫ ମସିହା ପରେ ଧୀରେ ଧୀରେ ମୂଲ୍ୟବୋଧର ଅବକ୍ଷୟ ଦେଖାଦେଲା । ଛାତ୍ର ଏବଂ ଶିକ୍ଷକ ଉଭୟଙ୍କର ଆଚାରଣ ବଦଳିବାକୁ ଲାଗିଲା । ଶିକ୍ଷାଦାନ ଯେ ଏକ ସାଧନା ଏକ ଦାୟିତ୍ୱବୋଧ ଏକଥା ଭୁଲିଗଲେ ଅନେକ ଶିକ୍ଷକ । ତଥାପି କିଛି ମୂଲ୍ୟବୋଧୀ ଶିକ୍ଷକ ସେମାନଙ୍କ ମୂଲ୍ୟବୋଧକୁ ଜାବୁଡ଼ି ଧରିଥିଲେ । ୧୯୭୫ ମସିହାରେ 'ନିଶାନ୍ତ' ଚଳଚ୍ଚିତ୍ରରେ ଗିରିଶ କନ୍ନଡ଼ଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭୂମିକାରେ ଦେଖିବାକୁ ମିଳିଥିଲା । ଧୋତ-ପଞ୍ଜାବୀ ଏବଂ କାଖରେ ଛତା ଜାକିଥିବା ଚେହେରାର ଶିକ୍ଷକଙ୍କୁ ଦେଖିଲେ ଦର୍ଶକ । ଶ୍ରୀରାମ ତାମ୍ରକାରଙ୍କ 'ବିତେ କାଲ କେ ସତାରେ' ଗଳ୍ପର ଆଧାରରେ ନିର୍ମିତ ହୋଇଥିଲା ଏ ଚଳଚ୍ଚିତ୍ରଟି।

୧୯୭୨ ମସିହାରେ ଭି.ଶାନ୍ତାରାମାଙ୍କ ମରାଠୀ ଚଳଚ୍ଚିତ୍ର 'ପିଞ୍ଜରା'ରେ ଗୁରୁ-ଛାତ୍ର ପରମ୍ପରାର ଛାପ ଦେଖିବାକୁ ମିଳିଥିଲା । ସେଇବର୍ଷ 'ପରିଚୟ' ଚଳଚ୍ଚିତ୍ରରେ ଜିତେନ୍ଦ୍ରଙ୍କୁ ଦେଖିବାକୁ ମିଳେ ଜଣେ ଆଦର୍ଶ ଶିକ୍ଷକ ଭୂମିକାରେ । ଯିଏ ନିଜର ନିଷ୍ଠା ଏବଂ ସାଧନା ବଳରେ ସମାଜକୁ ବଦଳାଇବାର ଚେଷ୍ଟା କରୁଥିବାର ଦେଖିବାକୁ ମିଳେ । ଅଭିନେତ୍ରୀ ସୀମି ଅଭିନୟ କରିଥିଲେ ଶିକ୍ଷୟିତ୍ରୀ ଭୂମିକାରେ ଏବଂ ରଷିକାପୁର ସ୍କୁଲ ଛାତ୍ର ଚରିତ୍ରରେ । ୧୯୮୫ ମସିହାରେ ରାଜେଶ ଖାନ୍ନାଙ୍କୁ 'ମାଷ୍ଟରଜୀ' ଚଳଚ୍ଚିତ୍ରରେ ଦେଖିବାକୁ ମିଳେ ଜଣେ ଶିକ୍ଷକ ଭୂମିକାରେ । ଯିଏ ଛାତ୍ରୀ ଶ୍ରୀଦେବୀଙ୍କ ଦ୍ୱାରା ପ୍ରେମରେ ଆହତ ହେଉଥିଲେ ବାରମ୍ବାର । ଠିକ୍ ସେହିଭଳି ୧୯୯୪ ମସିହାରେ ମୁକ୍ତିଲାଭ କରିଥିଲା 'ଅନ୍ଦାଜ' ଚଳଚ୍ଚିତ୍ରରେ କରିସ୍ମା କାପୁର ତାଙ୍କ ଠାରୁ ବୟସରେ ଢ଼େର ବଡ଼ ଶିକ୍ଷକ ଅନୀଲ କାପୁରଙ୍କୁ ପ୍ରେମ କରିବାକୁ ଅଡ଼ିବସିଥିଲେ । ଛାତ୍ରଛାତ୍ରୀଙ୍କ ମୂଲ୍ୟବୋଧର ଅବକ୍ଷୟ ଘଟିଥିଲେ ମଧ୍ୟ 'ସାର' ଚଳଚ୍ଚିତ୍ରରେ ନାଶିରୁଦ୍ଦିନ୍ ଶାହା ଏବଂ 'ମୋହବତେ' ଚଳଚ୍ଚିତ୍ରରେ ଅମିତାଭ ଶିକ୍ଷକ ଭାବରେ ନିଜର ମୂଲ୍ୟବୋଧକୁ ଅକ୍ଷତ ରଖିଛନ୍ତି । ଧୀରେ ଧୀରେ ପାଶ୍ଚାତ୍ୟ ପ୍ରଭାବ ଦେଖିବାକୁ ମିଳିଲା ଗୁରୁ - ଛାତ୍ରୀଙ୍କ ସମ୍ପର୍କ ଭିତରେ । କରଣ ଜୋହରଙ୍କ 'କୁଛ କୁଛ ହୋତା ହୈ' ଚଳଚ୍ଚିତ୍ରରେ । ସୁସ୍ମିତା ସେନ୍ 'ମୈ ହୁଁ ନା' ଏବଂ 'ନଶା' ଚଳଚ୍ଚିତ୍ରରେ ପୁନମ୍ ପାଣ୍ଡେଙ୍କୁ ଭିନ୍ନ ଆଦର୍ଶ ଶିକ୍ଷୟିତ୍ରୀ ଭୂମିକାରେ ଦେଖିବାକୁ ମିଳିଛି । ଅନ୍ୟପଟେ 'ତାରେ ଜମିନ୍ ପର' ଏବଂ 'ବ୍ଲାକ' ଭଳି ଚଳଚ୍ଚିତ୍ରରେ ଶିକ୍ଷକ ଛାତ୍ରର ଭବିଷ୍ୟତକୁ କିଭଳି ବଦଳାଇଛନ୍ତି ଯାହା ଖୁବ୍ ସୁନ୍ଦର ଭାବରେ ଦର୍ଶାଯାଇଛି । ଶିକ୍ଷକ ଯେ ଛାତ୍ରକୁ ମଣିଷର ରୂପଦିଏ । ଜୀବନକୁ ଗଢ଼େ ଏହା ପ୍ରତିଫଳିତ ହୋଇଛି ଏ ଦୁଇଟି ଚଳଚ୍ଚିତ୍ରରେ।

୨୦୦୦ ମସିହାରେ ରୁପେଲି ପରଦାରେ ଶିକ୍ଷକଙ୍କ ଚେହେରାରେ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଆଭିମୁଖ୍ୟରେ ମୌଳିକତା ବଳବତ୍ତର ରହିଛି । ଶିକ୍ଷକମାନେ ମଣିଷ ଗଢ଼ା କାମରେ ଏବେବି ନିଜର ନିଷ୍ଠା ପ୍ରତିପାଦିତ କରୁଛନ୍ତି । ୨୦୧୧ ମସିହାରେ ମୁକ୍ତିଲାଭ କରିଥିବା 'ଷ୍ଟାନ୍‌ଲି କା ଡବା' ଚଳଚ୍ଚିତ୍ରରେ ବିଦ୍ୟା ଦତ୍ତା ମିସ୍ ରୋଜି ଭୂମିକାରେ ଏହାକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ପ୍ରକାଶ ଝାଙ୍କ 'ଆରକ୍ଷଣ' ଚଳଚ୍ଚିତ୍ରରେ ମଧ୍ୟ ଗୁରୁ-ଛାତ୍ର ସମ୍ପର୍କକୁ ଖୁବ୍ ସୁନ୍ଦର ଭାବରେ ଦର୍ଶାଯାଇଛି । ୨୦୦୬ ମସିହାରେ ପରଦା ଛୁଇଁଥିଲା ଚଳଚ୍ଚିତ୍ର 'ଇକ୍‌ବାଲ' । ଏହି ଚଳଚ୍ଚିତ୍ରରେ ନାଶିରୁଦ୍ଦିନ୍ ଶାହା ଜଣେ ଆଦର୍ଶ କ୍ରିକେଟ କୋଚ୍ ଭାବରେ ଜଣେ ଦୃଷ୍ଟିହୀନ ଏବଂ ଶ୍ରବଣଶକ୍ତିହୀନ କ୍ରୀଡ଼ାବିତ୍‌ର ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଥିଲେ । ଛାତ୍ରର ଇଚ୍ଛାଶକ୍ତି ଏବଂ ଶିକ୍ଷକଙ୍କ ସହଯୋଗ ଯେ କୌଣସି ଅସାଧ୍ୟ ମଧ୍ୟ ସାଧନ କରାଇପାରେ । ଏହାଥିଲା ଚଳଚ୍ଚିତ୍ରର ଅସଲ କାହାଣୀ । ସଂପ୍ରତି ଦ୍ୱିତୀୟ ଈଶ୍ୱର କୁହାଯାଉଥିବା କିଛି ଶିକ୍ଷକମାନେ ନିଜ ସନ୍ତାନତୁଲ୍ୟ କୋମଳମତୀ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଯୁକ୍ତିକୁ ଶିକ୍ଷା ଦେବା ଅଭିପ୍ରେତ କରି ଅନେକ ସମୟରେ ଯେଉଁ ଅସୌଜନ୍ୟ ପରିବେଶ ସୃଷ୍ଟି କରୁଛନ୍ତି ଏହାକୁ ସେମାନେ ଗୁରୁତର ଭାବେ ବିଚାର କରି ଏଥିରୁ ବିଚ୍ୟୁତ ହେବା ଅତ୍ୟନ୍ତ ଜରୁରୀ।

ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ

ଯଶସ୍ୱିନୀ ପଟ୍ଟନାୟକ

'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ।' ଛାତ୍ରବତ୍ସଳ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ପ୍ରତି ଛାତ୍ରମାନଙ୍କର ଖୁବ ଶ୍ରଦ୍ଧା ଥିଲା। ତେଣୁ ରାଷ୍ଟ୍ରପତି ହେବା ପରେ ଏକ ଛାତ୍ର ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତାଙ୍କ ଜନ୍ମଦିନ ଜାତୀୟସ୍ତରରେ ପାଳନ କରିବାର ଅଭିଳାଷ ପୋଷଣ କରିଥିଲେ। ତତ୍କାଳୀନ ମାନ୍ୟବର ରାଷ୍ଟ୍ରପ୍ରତି କହିଥିଲେ ତାଙ୍କ ଜନ୍ମ ଦିନ ସେମାନେ ପାଳନ କରିବାକୁ ଚାହୁଁଛନ୍ତି ଏହା ଅତି ଉତ୍ତମ କଥା। କିନ୍ତୁ ସେ ଚାହାନ୍ତି ତାଙ୍କ ଜନ୍ମଦିନ ଶିକ୍ଷକ ସମାଜ ପାଇଁ ସମ୍ମାନ ଆଣିଦେଉ। ଅତଏବ୍ ତାଙ୍କ ଜନ୍ମଦିନକୁ ଶିକ୍ଷକଙ୍କ ସମ୍ମାନ ଦିବସ ବା ଗୁରୁ ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜେ ଜଣେ ଶିକ୍ଷକ ହୋଇଥିବାରୁ ଶିକ୍ଷକକୁଳର ସମ୍ମାନରେ ଏହା ପାଳନ କରାଗଲେ ସେ ଖୁସି ହେବେ ବୋଲି କହିଥିଲେ।

ଗୁରୁଙ୍କ ମହିମା ଘେନି ସ୍ୱୟଂ ସନ୍ଥ କବୀର ସ୍ୱଲିଖିତ ଏକ ପଦରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଭଗବାନ ଓ ଗୁରୁ ଏକତ୍ର ଦଣ୍ଡାୟମାନ ହେଲେ ସେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ। କାରଣ ଗୁରୁ ହିଁ ତାଙ୍କୁ ଈଶ୍ୱରଙ୍କୁ ଜାଣିବାର ଜ୍ଞାନ ସମ୍ଭବ କରାଇବେ। ଯାହା ଭଗବାନଙ୍କୁ ପ୍ରଣାମ କଲେ ହେବନାହିଁ। ସେ ଭଗବାନଙ୍କୁ ପ୍ରଣାମ ହୁଏତ କରିବେ କିନ୍ତୁ ଭଗବାନ କିଏ ଏବଂ କ'ଣ ପାଇଁ ସେ ଶକ୍ତିମାନ ତାହା ଅଜଣା ରହିଯିବ। କବୀର ପୁଣି କହିଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ମନୁ ଗୁରୁଙ୍କୁ ହିଁ ମଣିଷର ପ୍ରକୃତ ଅଭିଭାବକ ଦର୍ଶାଇଛନ୍ତି। ମନୁଙ୍କ ଅନୁଯାୟୀ, ବିଦ୍ୟା ମାତା ରୂପରେ ଶିଷ୍ୟକୁ ଲାଳନପାଳନ କରନ୍ତି, ସଦ୍‌ଗୁରୁ ସେ ଶିଷ୍ୟକୁ ଉପଯୁକ୍ତ ଭାବେ ବଞ୍ଚିବାର ପରମଲକ୍ଷ୍ୟ ପ୍ରାପ୍ତିର ସାମର୍ଥ୍ୟ ଦେଇଥାନ୍ତି। ପିତା ମାତା ଶିଶୁକୁ ଜନ୍ମ ଦେଇ ତାର ପାଳନ ପୋଷଣ କରିଥାନ୍ତି କିନ୍ତୁ ବିକାଶର ମାଧ୍ୟମ ହୁଅନ୍ତି ଗୁରୁ। ଶିଶୁକୁ ସତପଥରେ ଚାଲିବା ଶିଖାନ୍ତି ଗୁରୁ। ମନୁଙ୍କ ଦୃଷ୍ଟିରେ ବିଦ୍ୟା ମାତା ହେଲେ ଗୁରୁ ତାର ପିତା। ଏହି ପ୍ରସଙ୍ଗରେ ଏକ କାହାଣୀ ମଧ୍ୟ ରହିଛି। ପୁରାଣ ଯୁଗରେ ଜଣେ ରାଜା ଗୁରୁ ଓ ଭଗବାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ବିଷୟରେ ଏକ ପରୀକ୍ଷା କରିବାକୁ ଅଧିକାଂଶ ଜ୍ଞାନୀ ଗୁରୁ ହିଁ ଶ୍ରେଷ୍ଠ ବୋଲି ମତ ଦେଇଥିଲେ। ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମଣିଷକୁ ଜ୍ଞାନ ଔଜ୍ଜ୍ୱଲ୍ୟ ସହିତ ପରିଚିତ କରାଇଥାନ୍ତି। ପ୍ରଥମେ ଗୁରୁଙ୍କୁ ପୂଜିଲେ ସେ ଯଥାର୍ଥରେ ଭଗବାନଙ୍କ ଲୀଳା ସମ୍ପର୍କରେ ଅବଗତ କରାଇଥାନ୍ତି।

ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଗୁରୁକୁଳ ଶିକ୍ଷା ଦାନ ଉଲ୍ଲେଖ କରିବାର କଥା ଆବଶ୍ୟକତା ରହିଛି। ପ୍ରାଚୀନ କାଳରେ ଏହି ଶିକ୍ଷା ବିଶେଷ ମହତ୍ତ୍ୱ ରଖିଥିଲା। ସେ ସମୟରେ ଆଜିଭଳି ସ୍କୁଲ ଶିକ୍ଷାର ସୁବିଧା ନଥିଲା। ଥିଲା ଏକ ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା। ଯାହାକୁ କୁହନ୍ତି ଗୁରୁକୁଳ ଶିକ୍ଷା। ଏଥିପାଇଁ ବାଳକ ମାନଙ୍କୁ ଗୁରୁ ଆଶ୍ରମ ପଠାଯାଉଥିଲା। ସେଠାରେ ସେମାନେ ଶିକ୍ଷା ସମାପ୍ତ ଯାଏ ରହି ବିଦ୍ୟା ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ। ଗୁରୁ ଭାବେ ମୁନି ଋଷି ସେମାନଙ୍କୁ ଶିକ୍ଷାଦାନ ସହିତ ଅଭିଭାବକ ସାଜି ସେମାନଙ୍କର ଭଲମନ୍ଦ ଦେଖାଶୁଣା କରୁଥିଲେ। ଶିଷ୍ୟ ମଧ୍ୟ ଗୁରୁ ପତ୍ନୀଙ୍କୁ ପିତାମାତାର ସମ୍ମାନ ଦେଉଥିଲେ। ଆଧୁନିକ ଯୁଗରେ ଗୁରୁକୁଳ ପରମ୍ପରା ଦେଖିବାକୁ ମିଳୁନଥିଲେ ହେଁ ଗୁରୁକୁଳମାନେ ଅବଶ୍ୟ ପ୍ରତିଷ୍ଠା କରାଯାଉଛି। ବିଶେଷ କରି ଗାନ୍ଧର୍ବ କଳା କ୍ଷେତ୍ରରେ ଏଭଳି ଗୁରୁକୁଳ ଦେଖିବାକୁ ମିଳୁଛି।

ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି। ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି। ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି। ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି। ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ। ଶିବଙ୍କର ଆଦି ଅନ୍ତ ସମ୍ପର୍କରେ କେହି ଜାଣନ୍ତି ନାହିଁ। ଭଗବାନ ଶଙ୍କର ଅନେକ ଶିଷ୍ୟଙ୍କୁ ପରମ ଜ୍ଞାନ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ରହିଛି। ତନ୍ମଧ୍ୟରୁ ଅନ୍ୟତମ ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ। ଶିବଙ୍କ ପ୍ରଦତ୍ତ ପର୍ଶୁରେ ସେ ଅନେକବାର ଧରିତ୍ରୀକୁ କ୍ଷତ୍ରୀୟ ଶୂନ୍ୟ କରିଥିଲେ। କୁହାଯାଏ ଶିବ ହିଁ ସୃଷ୍ଟିର ପ୍ରଥମ ଗୁରୁ। ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ନାଗଙ୍କ ଭଉଣୀ ଦେବୀ ଜରତ୍କାରୁ ମନସାଙ୍କ ଗୁରୁ ମଧ୍ୟ ଭଗବାନ ଶିବ।

ବୃହସ୍ପତି ଦେବତା ମାନଙ୍କ ଗୁରୁ। ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ମହର୍ଷି ଅଙ୍ଗିରାଙ୍କ ପୁତ୍ର। ସେ ତାଙ୍କ ଜ୍ଞାନ ବଳରେ ଦେବତାଙ୍କୁ ସେମାନଙ୍କ ଯଜ୍ଞ ଭାଗ ପ୍ରାପ୍ତ କରାଇବା ସହିତ ଅସୁରଙ୍କ ଯଜ୍ଞରେ ବିଘ୍ନ ଘଟାଇ ଦାନବଙ୍କୁ ହରାଇବାର ପ୍ରୟାସ କରିଥାନ୍ତି। ବୃହସ୍ପତି ମନ୍ତ୍ରର ପ୍ରୟୋଗ କରି ଦେବତାଙ୍କ ପୋଷଣ କରିବା ସହିତ ସେମାନଙ୍କୁ ରକ୍ଷା କରିଥାନ୍ତି। ମହାନ ଯୋଦ୍ଧା ଏବଂ ଜଣେ ବିଶିଷ୍ଟ ଗୁରୁ ଥିଲେ ପର୍ଶୁରାମ। ତାଙ୍କ ଜନ୍ମ ବ୍ରାହ୍ମଣ କୁଳରେ ହୋଇଥିଲା। ଶିବଙ୍କ ଠାରୁ ସେ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରାପ୍ତ କରିଥିଲେ। ଭୀଷ୍ମ, ଦ୍ରୋଣ ତଥା କର୍ଣ୍ଣ ତାଙ୍କର ମହାନ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ। ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣ ପର୍ଶୁରାମଙ୍କୁ ନିଜ ପରିଚୟ ଲୁଚାଇ ତାଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରିଥିଲେ। ଏହା ଜାଣିବା ପରେ ସେ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ।

ଗୁରୁ ଦିବସରେ କେବଳ ଯେ ସ୍କୁଲ ଓ କଲେଜର ଶିକ୍ଷାଗୁରୁ ପୂଜିତ ହୋଇଥାନ୍ତି ତା ନୁହେଁ। ଆଧ୍ୟାତ୍ମିକ ଗୁରୁଙ୍କ ସହିତ ବିଭିନ୍ନ କଳା, କୌଶଳ, କ୍ରୀଡ଼ା ଆଦି ଶିଖାଉଥିବା ଗୁରୁମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ସର୍ବପଲ୍ଲୀ ରାଧାକୃଷ୍ଣନ ସମଗ୍ର ବିଶ୍ୱକୁ ଏକ ବିଦ୍ୟାଳୟ ରୂପେ ଜ୍ଞାନ କରୁଥିଲେ। ସେ ଭାବୁଥିଲେ ଶିକ୍ଷା ଦ୍ୱାରା ମସ୍ତିଷ୍କର ଉପଯୁକ୍ତ ବିକାଶ କରାଯାଇପାରିବ। ତେଣୁ ସମଗ୍ର ବିଶ୍ୱକୁ ଏକ ପରିବାର ମନେ କରି ସେହି ଅନୁସାରେ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯିବା ଉଚିତ ବୋଲି କହିଥିଲେ। ସେ ତାଙ୍କ ବକ୍ତବ୍ୟ ଓ ଲେଖା ମାଧ୍ୟମରେ ଭାରତୀୟ ଦର୍ଶନ ଶାସ୍ତ୍ରକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ପୁରାଣ ଯୁଗରେ ଗୁରୁଙ୍କ ଗୁରୁତ୍ୱ ଗୁରୁ ପୂର୍ଣ୍ଣିମାରେ ପ୍ରତିଫଳିତ ହେଉଥିବା ବେଳେ ଆଧୁନିକ କାଳରେ ଗୁରୁ ଦିବସ ହିଁ ଗୁରୁଙ୍କ ମହିମା ବର୍ଣ୍ଣନାର ଅବସର ଆଣିଦେଇଥାଏ। ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ପାଳିତ ହୋଇଥାଏ ଟିଚର୍ସ ଡେ ବା ଗୁରୁ ଦିବସ। ୧୯୬୨ ମସିହାରୁ ନିୟମିତ ଭାବେ ଏହି ଦିବସ ପାଳିତ ହୋଇଆସୁଛି। ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଜ୍ଞା ପୁରୁଷ, ବିଖ୍ୟାତ ଦାର୍ଶନିକ ଓ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ହିଁ ପ୍ରତିବର୍ଷ ଶିକ୍ଷକଙ୍କ ସମ୍ମାନ ଦିବସ ଭାବେ ପାଳନ କରାଯାଉଛି। ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପ୍ରଥମେ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତଭରା ପ୍ରଣାମ କରି ଆଶୀର୍ବାଦ ଲାଭ କରିଥାନ୍ତି। ଫୁଲମାଳ ପିନ୍ଧାଇ ଚନ୍ଦନ ଚର୍ଚ୍ଚିତ କରିବା ସହିତ ପୂଜା କରାଯାଇଥାଏ। ଶିକ୍ଷକ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ସେମାନଙ୍କୁ ବିନୟୀ ହେବାର ପରାମର୍ଶ ଦେଇଥାନ୍ତି।

+ଚେୟାର ପର୍ସନ, ନାଳନ୍ଦା
ପବ୍ଲିକ ସ୍କୁଲ, ସେକ୍ଟର-୮,
ସିଡିଏ, କଟକ

'ତସ୍ମୈ ଶ୍ରୀ ଗୁରବେ ନମଃ'

ସନ୍ତୋଷ କୁମାର ଅଦାବର

'ଗୁ' ଶବ୍ଦର ଅର୍ଥ ଅନ୍ଧାର ଏବଂ 'ରୁ' ଶବ୍ଦର ଅର୍ଥ ଆଲୋକ। ତେଣୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକକୁ ପଥ ପ୍ରଦର୍ଶନ କରିଥାଆନ୍ତି,ସେ ହିଁ 'ଗୁରୁ' ।

'ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା

ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।'

ଶିଶୁ ଟିଏ ଧରାପୃଷ୍ଠକୁ ଆସିବା ପରେ ତା'ର କ୍ରମବିକାଶ ଘଟିଥାଏ। ପରିବାରରେ ଧିରେ ଧିରେ ତା'ର ଶାରୀରିକ, ମାନସିକ, ବୌଦ୍ଧିକ ତଥା ସାମାଜିକ ବିକାଶ ଘଟିଥାଏ। ଶିଶୁର ଶାରୀରିକ ଏବଂ ମାନସିକ ବିକାଶ ହେଉଛି ଏକ ପ୍ରାକୃତିକ ବା ସ୍ୱଭାବିକ ପ୍ରକିୟା; କିନ୍ତୁ ବୌଦ୍ଧିକ ଓ ସାମାଜିକ ବିକାଶ ପାଇଁ ଆବଶ୍ୟକ ହୁଏ କିଛି ଉପାଦାନ । ତା'ର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଓଡ଼ିଆ ଲିପି ବନାମ ୟୁନିକୋଡ....

ଡିଟିପି ଶବ୍ଦ ସହିତ ସମସ୍ତେ ଉଣାଅଧିକେ ପରିଚିତ। ଡିଟିପି କହିଲେ ଆମେ ବୁଝୁ କମ୍ପ୍ୟୁଟରରେ ଅକ୍ଷର ସଜ୍ଜୀକରଣ। କେହି କେହି କମ୍ପ୍ୟୁଟରରେ ଟାଇପ୍ କରିବାକୁ ବି ଡିଟିପି କହିଥା'ନ୍ତି। ଯେଉଁମାନେ ପତ୍ରପତ୍ରିକା, ପୁସ୍ତକ, ଖବରକାଗଜ ଓ ବିଭିନ୍ନ ମୁଦ୍ରଣଜନିତ କ୍ଷେତ୍ରରେ ଜଡ଼ିତ ସେମାନଙ୍କ ପାଇଁ ଡିଟିପିର ସରଞ୍ଜାମ କହିଲେ ଗୋଟିଏ କମ୍ପ୍ୟୁଟର, ପ୍ରିଣ୍ଟର, ଡିଟିପି କରିବା ପାଇଁ ଆବଶ୍ୟକ ହେଉଥିବା ସଫ୍ଟୱେର, କିଛି ଫଣ୍ଟ, କିଛି କ୍ଲିପ୍‌ଆର୍ଟ (ଅବଶ୍ୟ ଇଣ୍ଟରନେଟ୍‌ର ବ୍ୟାପକ ଉପଲବ୍‌ଧତା ପରେ କ୍ଲିପ୍‌ଆର୍ଟର ସଂଗ୍ରହ ପ୍ରାୟ ଗୌଣ ହୋଇଗଲାଣି)। ଡିଟିପି ସଫ୍ଟୱେରରେ ସବୁଠୁ ବେଶୀ ପ୍ରଚଳିତ ପେଜମେକର ଓ ୱାର୍ଡ। ତା'ପରେ ଆସେ କୋରେଲଡ୍ର, ଫଟୋସପ୍, ଇନ୍‌ଡିଜାଇନ୍, କ୍ୱାକ୍‌ଏକ୍ସ୍ ପ୍ରେସ୍ ଇତ୍ୟାଦି। ଖବରକାଗଜ ଶିଳ୍ପକୁ ବାଦ୍ ଦେଲେ ଓଡ଼ିଶାରେ ଡିଟିପିର ବ୍ୟବହାର ପ୍ରାୟ ୨୫ ବର୍ଷ ପୁରୁଣା। ଓଡ଼ିଆରେ ଡିଟିପିର ବ୍ୟାପକତା ପାଇଁ ଯେଉଁ ଦୁଇଟି ପ୍ରମୁଖ ସଫ୍ଟୱେରର ଅବଦାନ ରହିଛି ସେଗୁଡ଼ିକ ହେଲେ ଆକୃତି ଓ ଶ୍ରୀଲିପି। ଯେଉଁମାନେ ଡିଟିପି ତଥା ମୁଦ୍ରଣ ବ୍ୟବସାୟରେ ଅଛନ୍ତି ସେମାନେ ଆକୃତି କିମ୍ବା ଶ୍ରୀଲିପିକୁ ବାଦ୍ ଦେଇ କିଛି ବ୍ୟବସାୟ କରିଥିବେ ବୋଲି ଆଶା କରିବା ବୃଥା। ଦୀର୍ଘ ତିନି ଦଶନ୍ଧି ଧରି ରିମ୍‌ରିମ୍ ଓଡ଼ିଆ ଖବରକାଗଜ, ପତ୍ରପତ୍ରିକା, ବହିର ମୁଦ୍ରଣର ମୂଳରେ ରହିଛି ଏହି ଦୁଇଟି ସଫ୍ଟୱେର। ହେଲେ ଆପଣ ଖବରକାଗଜ କି ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବା କୌଣସି ପୁରୁଣା ଓଡ଼ିଆ ଲେଖାକୁ ଇଣ୍ଟରନେଟ୍‌ରେ ଖୋଜି ପାରିଛନ୍ତି କି ? ଆପଣ ଖୋଜିଥିବେ; କିନ୍ତୁ ନିରାଶ ହୋଇଥିବେ। ଆପଣଙ୍କ ନିରାଶାର କାରଣ ଜଣେଇବା ହେଉଛି ଏହି ଆଲେଖ୍ୟର ଉଦ୍ଦେଶ୍ୟ। 'ଆକୃତି' ଓ 'ଶ୍ରୀଲିପି' – ଓଡ଼ିଆ ଭାଷାରେ ପ୍ରକାଶନ ଓ ପ୍ରସାରରେ ଏହି ଦୁଇଟି ସଫ୍ଟୱେରର ଭୂମିକା ଅନସ୍ୱୀକାର୍ଯ୍ୟ। ଇଣ୍ଟରନେଟ୍‌ରେ ଓଡ଼ିଆ ଭାଷା ହଜିଯିବା ପଛରେ ବି ଏହି ଦୁଇଟି ସଫ୍ଟୱେର ହିଁ ଦାୟୀ। ଏହାର କାରଣ ଜାଣିବାକୁ ହେଲେ ଓଡ଼ିଆ ଲିପିର କମ୍ପ୍ୟୁଟରୀକରଣର ପୃଷ୍ଠଭୂମିକୁ ଯିବାକୁ ପଡ଼ିବ। କମ୍ପ୍ୟୁଟରରେ ପ୍ରତ୍ୟେକ ଅକ୍ଷର ପାଇଁ ଏକ ସ୍ୱତନ୍ତ୍ର ସଂଖ୍ୟା ବା କୋଡ୍ ରହିଛି। ୧୯୬୩ ମସିହାରୁ ଇଂରାଜୀ ଭାଷାର ବିଭିନ୍ନ ବର୍ଣ୍ଣ, ସଂଖ୍ୟା ଓ ବିଭିନ୍ନ ଚିହ୍ନ ପାଇଁ ଏକ କୋଡ୍‌କୁ ମାନକ ହିସାବରେ ନିଆଯାଇଅଛି, ଯାହାକୁ ଆସ୍କି କୋଡ୍ (ଏଏସ୍‌ସିଆଇଆଇ- ଆମେରିକାନ୍ ଷ୍ଟାଣ୍ଡାର୍ଡ କୋଡ୍ ଫର ଇନ୍‌ଫରମେସନ୍ ଇଣ୍ଟରଚେଞ୍ଜ) କୁହାଯାଏ। ଯେପରି 'କ୍ୟାପିଟାଲ୍ ଏ' ପାଇଁ ୬୫, 'କ୍ୟାପିଟାଲ୍ ବି' ପାଇଁ ୬୬, 'ସ୍ମଲ୍ ଏ' ପାଇଁ ୯୭, 'ସ୍ମଲ୍ ବି' ପାଇଁ ୯୮ ଇତ୍ୟାଦି। ପ୍ରତ୍ୟେକ ଆସ୍କି କୋଡ୍ ଏକ ୭ ବିଟ୍ ବିଶିଷ୍ଟ କୋଡ୍। 'ବିଟ୍' କହିଲେ ବାଇନାରୀ ଡିଜିଟ, ଯାହା କି ୧ କିମ୍ବା ୦। ୭ଟି ବିଟ୍ ଦ୍ୱାରା ସମୁଦାୟ ୧୨୮ଟି ଅଲଗା ଅଲଗା ଅକ୍ଷର ସୂଚିତ କରିହେବ। ଉଦାହରଣ ସ୍ୱରୁପ 'ଏ' ର ଆସ୍କି କୋଡ୍ ହେଉଛି ୬୫, ଯାହାର ବାଇନାରୀ ହେଉଛି ୧୦୦୦୦୦୧। କମ୍ପ୍ୟୁଟରରେ 'କ୍ୟାପିଟାଲ୍ ଏ' ଷ୍ଟୋର ହେବାର ମାନେ ହେଉଛି କମ୍ପ୍ୟୁଟରରେ ୧୦୦୦୦୦୧ ଷ୍ଟୋର ହୋଇଛି। ଆସ୍କିର ୧୨୮ଟି କୋଡ୍‌ରେ କେବଳ ଇଂରାଜୀ ଅକ୍ଷରଗୁଡ଼ିକ ରଖିହେଲା। ତା'ପରେ ୧୯୮୧ ମସିହାରେ ଅନ୍ୟାନ୍ୟ ୟୁରୋପୀୟ ଭାଷାଗୁଡ଼ିକର ଅକ୍ଷର ପାଇଁ ୮ ବିଟ୍ ବିଶିଷ୍ଟ ଏକ୍ସଟେଣ୍ଡେଡ୍ ଏଏସ୍‌ସିଆଇଆଇ ଜନ୍ମନେଲା, ଯ ଦ୍ୱାରା ୨୫୬ଟି ଅଲଗା ଅଲଗା ଅକ୍ଷର ସୂଚିତ କରିହେଲା। ହେଲେ ବିଶ୍ୱର ସମସ୍ତ ଭାଷାର ଅକ୍ଷରଗୁଡ଼ିକ ପାଇଁ ୨୫୬ଟି ନମ୍ବର ଯଥେଷ୍ଟ ନ ଥିଲା। ଭାରତୀୟ ଭାଷାଗୁଡ଼ିକ ପାଇଁ ୧୯୮୮ ମସିହାରେ ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ ଇଲେକ୍ଟ୍ରୋନିକ୍ସ୍ ଦ୍ୱାରା ଆଇଏସ୍‌ସିଆଇଆଇ (ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ କୋଡ୍ ଫର ଇନ୍‌ଫରମେସନ୍ ଇଣ୍ଟରଚେଞ୍ଜ) କୋଡ୍ ପ୍ରକାଶ ହୁଏ। ୮ ବିଟ୍ ବିଶିଷ୍ଟ ଏହି କୋଡ୍ ଦ୍ୱାରା ଓଡ଼ିଆ ସମେତ ଦେବନାଗରୀ, ପଞ୍ଜାବୀ, ଗୁଜୁରାଟୀ, ବଙ୍ଗାଳୀ, ଅହମିୟା, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟାଲମ ଲିପିର ଅକ୍ଷରଗୁଡ଼ିକର କୋଡିଙ୍ଗ୍ ବା ନମ୍ବରୀକରଣ ହୋଇପାରିଲା। ବିଭିନ୍ନ ଦେଶରେ ବିଭିନ୍ନ ଭାଷାର ଏଭଳି ବିଭିନ୍ନ ପ୍ରକାର ଏନ୍‌କୋଡିଙ୍ଗ୍ ତିଆରି ହେବା ଫଳରେ ତଥ୍ୟ ଆଦାନ ପ୍ରଦାନରେ ସମସ୍ୟା ଉପୁଜିଲା। ତେଣୁ ୧୯୯୧ରେ ଜନ୍ମ ନେଲା ୟୁନିକୋଡ୍ ମାନକ, ଯାହା ଦ୍ୱାରା ୮ ବିଟ୍, ୧୬ ବିଟ୍ ଓ ୩୨ ବିଟ୍ ଏଭଳି ତିନୋଟି ଏନ୍‌କୋଡିଙ୍ଗ୍‌ରେ ବିଶ୍ୱର ପ୍ରାୟ ସମସ୍ତ ଲିପିର କୋଡିଙ୍ଗ୍ କରିହେଲା। ଆମ ଓଡ଼ିଆ ଲିପିର ସମସ୍ତ ଅକ୍ଷରଗୁଡ଼ିକ ପାଇଁ ୨୮୧୬ରୁ ୨୯୪୩ ପର୍ଯ୍ୟନ୍ତ ୧୨୮ଟି ନମ୍ବର ଦିଆଯାଇଛି। ଯେମିତି 'ଅ' ପାଇଁ ୨୮୨୧, 'ଆ' ପାଇଁ ୨୮୨୨ ଇତ୍ୟାଦି। ସେବେଠାରୁ ୟୁନିକୋଡ୍ ମାନକକୁ ପ୍ରାୟ ସମସ୍ତ ଦେଶ ମାନିନେଇଛନ୍ତି ଏବଂ ସମସ୍ତେ ୟୁନିକୋଡ୍ ମାନକ ବ୍ୟବହାର କରିବା ଦ୍ୱାରା ତଥ୍ୟ ଆଦାନ ପ୍ରଦାନରେ ଆଉ ବିଶେଷ ସମସ୍ୟା ନାହିଁ। ଇଣ୍ଟରନେଟ୍‌ରେ ଯେତେ କାରବାର, ମେସେଜ ଦିଆନିଆ, ସବୁରି ମୂଳରେ ୟୁନିକୋଡ୍ ହିଁ ବ୍ୟବହାର ହେଉଛି।

ସାମ୍ପ୍ରତିକ ସମାଜରେ ଗୁରୁ ଶିଷ୍ୟ ସମ୍ପର୍କ

ଡି. ଶୁଭମ୍

ଗୁରୁ ଓ ଶିକ୍ଷା ଏ ଦୁଇଟା ଶବ୍ଦ ସହ ପ୍ରାୟ ସମସ୍ତେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ମଣିଷ ଛୋଟରୁ ବଡ଼ ହେବା ସମୟର ପ୍ରତ୍ୟେକଟି ସୋପାନରେ କାହାଠୁ କିଛି ନା କିଛି ଶିଖେ। ଯାହା ଠାରୁ କିଛି ଆମେ ଶିଖୁ ଆଉ ସେ ଶିକ୍ଷାକୁ ଜୀବନରେ ଉପଯୋଗ କରୁ, ସେ ଆମର ଗୁରୁ। ଗୁରୁର କୌଣସି ସଂଜ୍ଞା ନଥାଏ। ଗୁରୁ ନିଜେ ନିଜର ପରିଚୟ। ତାଙ୍କ ପରିଚିତି ପାଇଁ କୌଣସି ଅଳଙ୍କାର ବା ସାବଲୀଳ ଭାଷାର ଆବଶ୍ୟକତା ଦରକାର ପଡ଼େନି। ବରଂ ଯଦି ଆମେ ଗୁରୁଙ୍କ ବାଣୀକୁ, ଗୁରୁଙ୍କ ଉପଦେଶକୁ ନିଜ ଜୀବନରେ ବିନିଯୋଗ କରି ଆମେ ଆଗକୁ ବଢ଼ିପାରିଲେ, ତାହା ହିଁ ଗୁରୁଙ୍କ ପାଇଁ ଶ୍ରେଷ୍ଠ ଉପହାର ହୋଇପାରିବ। ସେତେବେଳର ଏକଲବ୍ୟ, ଆରୁଣିଙ୍କ ପରି ଶିଷ୍ୟ ଏବେ ଆମ ନଜରରେ ଶହେରୁ ଜଣେ ଥିବେ କି ନାହିଁ ସନ୍ଦେହ। ଶ୍ରେଣୀଗୃହର ଶିକ୍ଷା ସରିଲା ପରେ ସେହି ପିଲା ସେହି ଗୁରୁଙ୍କୁ ବଜାରରେ ଦୁର୍ବ୍ୟବହାର କରୁଛନ୍ତି। ଏସବୁ ମାନବିକ ମୂଲ୍ୟବୋଧର ଅଭାବ ପାଇଁ ଘଟୁଛି। ମଣିଷ ଯେତେ ପାଠ ପଢୁ , ଯେତେ ଟଙ୍କା ରୋଜଗାର କରୁ, ଯଦି ଅଚାରବିଚାର ବ୍ୟବହାରରେ ପରିବର୍ତ୍ତନ ନଆସିଲା, ସେ ପାଠପଢ଼ାର ମୂଲ୍ୟ କ'ଣ? ଟଙ୍କାସର୍ବସ୍ୱ ପାଠପଢ଼ାର ମୂଲ୍ୟ ଟଙ୍କା ଆସିବା ସରିଗଲେ ବନ୍ଦ ହୋଇଯାଏ। କିନ୍ତୁ ବ୍ୟବହାର ଆଉ ମୂଲ୍ୟବୋଧ ଜଣେ ବ୍ୟକ୍ତିକୁ ତା ବ୍ୟକ୍ତିତ୍ୱର ଅନୁଭବ କରାଏ।

ପ୍ରତିବର୍ଷ ସେପ୍ଟେମ୍ବର ୫ ଆସିଲେ ଗୁରୁ ଦିବସ କଥା ମନକୁ ଆସେ। ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ କଥା ଆମକୁ ମନେପଡ଼େ। କିନ୍ତୁ ଏବେ ସମୟ ଆସି ଏମିତି ସ୍ଥାନରେ ପହଁଚିଲାଣି କେତେବେଳ ମାଂସର ଆସର ଜମିବ ସେକଥା ପିଲାମାନେ ଚିନ୍ତା କରୁଛନ୍ତି। ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢ଼ି ମାର୍ଜିତ ବ୍ୟବହାର ବଳରେ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଲେ ତାହା ହିଁ ଗୁରୁ ଦିବସରରେ ଗୁରୁଙ୍କ ପାଇଁ ଶ୍ରେଷ୍ଠ ଉପହାର । ଆମ ଭିତରେ ମାନବିକ ମୂଲ୍ୟବୋଧର ବିକାଶ କରିବାକୁ ହେବ। କଥା କଥାରେ ଉତ୍ତେଜିତ ନହୋଇ କ୍ରୋଧାନ୍ୱିତ ନହୋଇ ବରଂ ଶା' ଓ ସରଳ ଭାବରେ ଗୁରୁଙ୍କ କଥାକୁ କାର୍ଯ୍ୟରେ ଲଗାଇଲେ ବୋଧ ହୁଏ ଆମର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। କେବଳ ଯେ କ୍ଲାସରୁମର ଶିକ୍ଷକ ହିଁ ଆମର ଗୁରୁ ତାହା ଭାବିବା ଭୁଲ୍। ଆମେ ଯାହା ଠୁ କିଛି ନୂଆ ଜିନିଷ ଜାଣୁ ଯାହା କି ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକ, ସେ ଆମର ଗୁରୁ। ଜମିରେ କୃଷକଟିଏ ଆମକୁ ରୋଇବା ଶିଖେଇବା ହେଉ କି ସାର ବୁଣିବା ଶିଖେଇଲେ ସେ ଚାଷୀ ବି ଆମ ପାଇଁ ଗୁରୁ। ଆମ ଭିତରେ ସେ ମାନସିକତାକୁ ଆଣିବାକୁ ହେବ। ଏ ଶିକ୍ଷା ଆମ ମାନବିକ ମୂଲ୍ୟବୋଧର ପରିମାପକ ହେଉ, ଏହା ଗୁରୁ ଦିବସର ଧ୍ୟେୟ ବାକ୍ୟ ହେବା ଆବଶ୍ୟକ।

କୁହାଯାଏ ଶିକ୍ଷା - ଅମାନିଆ ମନର ମୋହ ଭାଙ୍ଗେ, ସଂକୁଚିତ ମନର ପ୍ରାଚୀରକୁ ଭାଙ୍ଗି ଏକ ବୃହତ୍ତର ପରିବେଶ ଯୋଗାଇଦିଏ। ହୃଦୟର ସକଳ ଦ୍ୱାରର ଉନ୍ମୋଚନ କରିଦିଏ, ବଞ୍ଚିବାର ରାହା ଯୋଗାଏ, ମାନବିକ ମୂଲ୍ୟବୋଧର ଆଦର୍ଶରେ ଉଦୀୟମାନ କରେ ଆଉ ଯିଏ ଅଳ୍ପଭିତରୁ ବହୁତକୁ ବାଟ ଦେଖାଏ। ଶିକ୍ଷା ମଣିଷକୁ ଆଗକୁ ଯିବାପାଇଁ ପ୍ରେରଣା ଦିଏ। ଅନ୍ଧାରରୁ ଆଲୋକକୁ ବାଟ ଦେଖାଏ। ମାୟା ମୋହର ଯାବତୀୟ ବନ୍ଧନର ଦ୍ୱାରକୁ

ଭାଙ୍ଗି ଏକ ନୂତନତାର ସ୍ପର୍ଶ ଦେଖାଏ। ସା ବିଦ୍ୟା ଯା ବିମୁକ୍ତୟେ - ଅର୍ଥାତ ବିଦ୍ୟା ତାହା ଯିଏ ମୁକ୍ତି ପ୍ରଦାନ କରେ। ତେବେ ଶିକ୍ଷା ସମ୍ବନ୍ଧରେ ଏତେକଥା ଜାଣିଲା ପରେ ମଧ୍ୟ ଏହାର ଗୁରୁତ୍ୱକୁ କେହି ଉପଲବ୍ଧ କରି ପାରିନାହାନ୍ତି। ପାଠ ପଢି ପାସ କରିଦେଲେ ଯେ ଶିକ୍ଷାର ଅବଧି ସମାପ୍ତ ହୋଇଯାଏ, ଏହା ଏବେବି ଅନେକଙ୍କ ମନର କଳ୍ପନା ଭାବେ ବସା ବାନ୍ଧଛି। କ୍ଷୁଦ୍ରତାର ମୋହକୁ ପରିତ୍ୟାଗ କରିବାର ଅର୍ଥ ମଧ୍ୟ ଏବେ ଅନେକ ବୁଝିପାରନ୍ତିନି।

ଏକବିଂଶ ଶତାବ୍ଦୀର ପାଦଦେଶରେ ଆଜିର ମନୁଷ୍ୟ ସମାଜ। କଥାରେ ଅଛି ଅଳ୍ପବିଦ୍ୟା ଭୟଙ୍କରୀ ସତରେ ସେହି ଅଳ୍ପ ବିଦ୍ୟା ଭିତରେ କେବେ ଦିବ୍ୟ ସନ୍ତୋଷକୁ ଦେଖିହୁଏନାହିଁ । ନା ଥାଏ ଶ୍ରଦ୍ଧା, ନା ଥାଏ କିଛି ଜାଣିବାର ଅଦମ୍ୟ ଇଚ୍ଛା । କହିବାର ତାତ୍ପର୍ଯ୍ୟ ଏହା କି ଆଜିର ସମାଜରେ ଶିକ୍ଷାକୁ ଗୁରୁତର ସହ ନିଆଯାଉନାହିଁ । ପରୀକ୍ଷାରେ ପାସ କରି ଡିଗ୍ରୀ ହାସଲ କରିଦେଲେ ଶିକ୍ଷାର ଅନ୍ତ ଘଟିଲାପରି ମନେହୁଏ । ଆଜିର ଶିକ୍ଷା ବ୍ୟବସ୍ଥା ମଣିଷକୁ ଅମଣିଷରେ ରୂପାନ୍ତରିତ କରିଛି । ତେଣୁ ଶିକ୍ଷିତ ସମାଜ ଦେଶ ଜାତି ପ୍ରତି ତାର କର୍ତ୍ତବ୍ୟ ଭୁଲିଯାଉଛି । ଧର୍ମ ନିରପେକ୍ଷ ରାଷ୍ଟ୍ରର ନାଗରିକ ହୋଇ ଧର୍ମାନ୍ଧତାର ଭାଷଣ ଦେଉଛି । ନକ୍ସଲବାଦ ଓ ମାଓବାଦଙ୍କ ହାତବାରିସୀ ସାଜି ଗୋଷ୍ଠୀ କନ୍ଦଳରେ ଲିପ୍ତ ହେବା ସହିତ ତାଙ୍କ ଲୋଭରେ ବେକ କାଟିବାକୁ ମଧ୍ୟ ପଛାଉନାହିଁ ।

ଏବର ଶିକ୍ଷା ସମାଜ ପାଇଁ ଏକ ସ୍ୱାର୍ଥକୈନ୍ଦ୍ରିକ ଶ୍ରେଣୀ ସୃଷ୍ଟି କରୁଛି। ସ୍ୱାର୍ଥ ସାଧନା ପାଇଁ ବ୍ୟସ୍ତ ରହୁଥିବା ଯୁବ ସମାଜ ଆଜି ପରିବାର ସହ ମଧ୍ୟ ସମ୍ପର୍କ ଛିନ୍ନ କରୁଛି। ନିଜର କୁତ୍ସିତ କାମନାକୁ ଚରିତାର୍ଥ କରିବା ପାଇଁ ଲାଞ୍ଚ ମିଛ ଓ କଳାବଜାରୀ କାମରେ ଲିପ୍ତ ଆଜିର ଯୁବ ସମାଜ। ଏସବୁ ଭିତରେ ଆଉ ଗୋଟେ କଥା ଆସେ ମାନବିକ ମୂଲ୍ୟବୋଧ। ସେ ପୁଣି କ'ଣ? ମାନବିକ ମୂଲ୍ୟବୋଧ ଶିକ୍ଷାର ଏକ ସମନ୍ୱୟ ଅଂଶ। ଗୋଟିଏ ବିନା ଆଉ ଗୋଟେ ଅସହାୟ। ମୂଲ୍ୟବୋଧ ସଦାବେଳେ ବିବେକର ସକଳ ଦ୍ୱାରକୁ ଉନ୍ମୋଚନ କରି ଏକ ଯଥାର୍ଥ ମାନବିକତାର ସ୍ୱପ୍ନ ଦେଖାଇଥାଏ। ଶିକ୍ଷା ସହ ମୂଲ୍ୟବୋଧର ସମନ୍ୱୟ ସତରେ ନିଆରା। ହେଲେ ଆଜି ସେ ସାମାଜିକ କର୍ତ୍ତବ୍ୟ ବୋଧ, ନୈତିକତା ସବୁ ଚୂଲିମୁଣ୍ଡକୁ ଗଲାଣି। ମୂଲ୍ୟବୋଧର ଅର୍ଥ ଆଜିବି କେହି ବୁଝିନଥିବେ। ଯିଏ ବିଶ୍ୱଭାତୃତ୍ୱକୁ ସମ୍ମାନ ଦିଏ, ବସୁଧୈବ କୁଟୁମ୍ବକମର ବାର୍ତ୍ତା ଗାଇଉଠେ। ଆଜି ସେ ନୈତିକ ମୂଲ୍ୟବୋଧ ନଷ୍ଟ ପ୍ରାୟ। ଏପରିସ୍ଥଳେ ଶିକ୍ଷା ପଦ୍ଧତିରେ ନୈତିକ ଓ ଆଧାତ୍ମିକ ଶିକ୍ଷାର ସମନ୍ୱୟ ଘଟିଲେ ଯୁବସମାଜ ସାତମାର୍ଗରେ ପରିଚାଳିତ ହେବାସହିତ ଦେଶର ସ୍ଥିତି ଗୌରବ ଫେରାଇ ଆଣିବାକୁ ସାମର୍ଥ୍ୟ ହୋଇପାରିବ। ଏହି ଲକ୍ଷ ପାଇଁ ଏକ ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ମନୋଭାବ ପରୋପକର ସେବା ତ୍ୟାଗ କର୍ତ୍ତବ୍ୟନିଷ୍ଠା ଭଳି ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଏକାନ୍ତ ଅପରିହାର୍ଯ୍ୟ।

+ବାସୁଦେବପୁର,ଭଦ୍ରକ
ମୋ- ୯୪୩୮୪୬୭୦୭୯

ଗୁରୁ ଦିବସ ଓ ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା

ଡଃ.ଅରୁନ୍ଧତୀ ଦେବୀ

ଜ୍ଞାନପ୍ରାପ୍ତି ନିମନ୍ତେ ଶିକ୍ଷ୍ୟମାନେ ଗୁରୁକୂଳରେ ରହି ପାଠ ପଢୁଥିଲେ ପ୍ରାଚୀନ କାଳରେ । ଶିକ୍ଷାଦାନ କରିବା ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେ ଯୁଗର ଗୁରୁମାନେ ଅର୍ଥ ପାଇଁ ନୁହେଁ ବରଂ ଶିକ୍ଷାଦାନ ଦ୍ୱାରା ଏକ ସାମାଜିକ ଦାୟିତ୍ୱ ତୁଲାଉଥିଲେ । ଶିଷ୍ୟମାନେ ଗଭୀର ଭକ୍ତି ଏବଂ ମନଯୋଗ ସହ ଶିକ୍ଷାଲାଭ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୦୦୦ରେ ଭାରତରେ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା । ଗୁରୁମାନେ ଶିକ୍ଷା ଦେଉଥିଲେ ତୁଣ୍ଡରେ। ଶିଷ୍ୟମାନେ ଶୁଣି ଶୁଣି ମନେରଖୁଥିଲେ ତାକୁ । 'ଉପନିଷଦ୍' ଶବ୍ଦଟି 'ଉପ', 'ନି' ଏବଂ 'ସଦ' ଶବ୍ଦର ସମାହାର ଯାହାର ଅର୍ଥ ହେଲା ନିକଟରେ ବସିବା । ଅର୍ଥାତ୍ ଗୁରୁକୁଳରେ ଗୁରୁଙ୍କ ସମୀପରେ ବସିରହି ଶିଷ୍ୟମାନେ ଶୁଣୁଥିଲେ ତାଙ୍କର ତୁଣ୍ଡରୁ ଶାସ୍ତ୍ର ବୋଧଗମ୍ୟ ଭାଷାରେ । ଅତ୍ୟନ୍ତ ପବିତ୍ର ପରିବେଶରେ କିଛି ପାଇବାର ଆଶା ନ ରଖି ଶିକ୍ଷାଦାନ କରୁଥିଲେ ସେମାନେ । ଦକ୍ଷିଣା ଦାବି କରିବା ଗୁରୁଙ୍କର ଅଧିକାର ଥିଲେ ହେଁ କୌଣସି ଗୁରୁ ସେଭଳି କିଛି ଦାବି କରୁଥିବା ଜଣାଯାଏ ନାହିଁ । ଏହାଥିଲା ପ୍ରତୀକାତ୍ମକ । ଫଳଟାଏ ଭଳି ସାଧାରଣ ତୁଚ୍ଛ ଜିନିଷ ମାତ୍ର ସେମାନେ ମାଗୁଥିଲେ ଦକ୍ଷିଣା ବାବଦକୁ । ଏଭଳି ପବିତ୍ର ଗୁରୁକୁଳ ପରମ୍ପରା ବହୁ କାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ଭାରତବର୍ଷରେ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପ୍ରତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ । ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି

୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ରସିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ

ତସ୍ମୈ ଶ୍ରୀ ଗୁରବେ ନମଃ

୫

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ମଙ୍ଗଳବାର, ୦୫ ସେପ୍ଟେମ୍ବର, ୨୦୨୩

ଗୁରୁ ପୂଜନର ପରମ୍ପରା

ଡକ୍ଟର ଲକ୍ଷ୍ମଣ ସାହୁ

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ'।

ଭାରତୀୟ ପରମ୍ପରାରେ 'ଗୁରୁ' ଏକ ପରମ ପବିତ୍ର ଶବ୍ଦ । ଗୁରୁ, ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାଇଥାନ୍ତି । ଯାହାଙ୍କ ପ୍ରଦତ୍ତ ଜ୍ଞାନର ଦାନରେ ସାଧାରଣ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିବାରେ ସହଜ ହୁଏ । କେବେ କେବେ ତାଙ୍କର ଆକଟଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ । ଶିକ୍ଷା କ୍ଷେତ୍ରରେ ପାଠ ହେଉ କି ସଙ୍ଗୀତ, ଖେଳ ହେଉ କି ନୃତ୍ୟ, ବାଦ୍ୟ ହେଉ କି ବକୃତା, ପ୍ରତିଟି କ୍ଷେତ୍ରରେ ତାଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦିଏ ଅଜସ୍ର ଖ୍ୟାତି, ଯଶ, ପ୍ରସିଦ୍ଧି । ସେ ହେଉଛନ୍ତି ସାକ୍ଷାତ ପରମବ୍ରହ୍ମ । ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିରୁ କୁହାଯାଇଛି, ଯେପରି କ୍ଷୀର ବିନା ଗାଈ, ଫୁଲବିନା ଲତା, ଚରିତ୍ର ବିନା ସ୍ତ୍ରୀ, ପଦ୍ମବିନା ଜଳ, ଶାନ୍ତି ବିନା ବିଦ୍ୟା, ଅଧିବାସୀ ବିନା ନଗର ଶୋଭାପାଏ ନାହିଁ, ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ ।

ଗୁରୁଙ୍କ ସାନ୍ନିଧ୍ୟ ବିନା କେବେ ଗୁଣବାନ, ତତ୍ତ୍ୱଦର୍ଶୀ, ନିପୁଣ କର୍ମକାରୀ, ଅଭିଜ୍ଞ ଏପରିକି ପବିତ୍ର ହୋଇପାରିବ ନାହିଁ । ଭଗବାନ ଶ୍ରୀକୃଷ୍ଣ ଷୋହଳ କଳା ନେଇ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କୁ ଗୁରୁ କରିବାକୁ ପଡ଼ିଥିଲା । ମହାନ୍ ଶିଖ୍ ଧର୍ମଗୁରୁ ଅମର ଦାସ ଗୁରୁ କରିନଥିଲେ ବୋଲି, ଆତିଥ୍ୟ ପ୍ରଦାନର ପୁଣ୍ୟ କରିବାକୁ ତାଙ୍କୁ ସୁଯୋଗ ମିଳିନଥିଲା । ତାଙ୍କ ଗୃହକୁ ଆସିଥିବା ଆଗନ୍ତୁକ ତାଙ୍କୁ କହିଥିଲେ, 'ପ୍ରଥମେ ଯାଆନ୍ତୁ ଗୁରୁ କରି ନିଜ ଦେହମନକୁ ପବିତ୍ର କରିବେ, ତା'ପରେ ଆତିଥ୍ୟ ପ୍ରଦାନ କରି ପୁଣ୍ୟ ଅର୍ଜିବେ ।' ସେଦିନ ଆଗନ୍ତୁକ ଧର୍ମଗୁରୁ ଅମର ଦାସଙ୍କ ଆତିଥ୍ୟ ପ୍ରତ୍ୟାଖ୍ୟାନ କରି ଫେରିଯାଇଥିଲେ ।

ଭାରତୀୟ ପରମ୍ପରାରେ ଗୁରୁଙ୍କର ଶିଷ୍ୟକୁ ଶିକ୍ଷାରୂପକ ମହାଦାନ ପ୍ରଦାନ କରୁଥିବାରୁ, ତାଙ୍କୁ ଈଶ୍ୱରଙ୍କ ସହ ତୁଳନା କରାଯିବା ସହିତ ପୂଜା କରାଯାଏ। ଭାରତୀୟ ସଂସ୍କୃତିରେ ଏହି ଗୁରୁ ପୂଜନର ପରମ୍ପରା ବହୁ ପ୍ରାଚୀନ । ସବୁଦିନ ପ୍ରତ୍ୟେକ କିଛି ନା କିଛି ଶିକ୍ଷା ଲାଭ କରିଥାନ୍ତି । ତେଣୁ ପ୍ରତ୍ୟେକ ଦିନ ପାଇଁ ଗୁରୁଙ୍କର ଦିନ । ମାତ୍ର ଗୁରୁଙ୍କର ସମ୍ମାନାର୍ଥେ ଦୁଇଟି ସମ୍ପୂର୍ଣ୍ଣ ଦିନ ପ୍ରଦାନ କରିବା ଆମ ଭାରତୀୟ ସଂସ୍କୃତିର ବଳିଷ୍ଠତାକୁ ପ୍ରମାଣ କରେ। ଆଦିଗୁରୁ ମହର୍ଷି ବ୍ୟାସଙ୍କ ଜନ୍ମତିଥିକୁ 'ଗୁରୁପୂର୍ଣ୍ଣିମା' ଭାବରେ ପାଳନ କରାଯାଏ । ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ବେଦ ପରି ବୃହତ୍ ଗ୍ରନ୍ଥକୁ ସେ ଋକବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବାରୁ ତାଙ୍କୁ ବେଦବ୍ୟାସ ରୂପେ ନାମିତ କରାଯାଇଛି । ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଏହା ପଡ଼ିଥାଏ । ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ପ୍ରଭୃତିର ପ୍ରଣେତା ମହର୍ଷି ବ୍ୟାସଦେବଙ୍କ ଜନ୍ମତିଥି । ସେ ମଧ୍ୟ ବେଦାନ୍ତ ଦର୍ଶନ ଏବଂ ଅଦ୍ୱୈତବାଦର ସଂସ୍ଥାପକ । ତାଙ୍କୁ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି ବିଶ୍ୱାସ ରହିଛି । ସେହି ଗୁରୁକୁଳ ପରମ୍ପରା ଅନୁସାରେ - ଗୁରୁମାନେ ତାଙ୍କ ଶିଷ୍ୟମାନଙ୍କୁ ଅନ୍ଧକାରରୁ ଜ୍ଞାନର ଆଲୋକ ପ୍ରଦର୍ଶନ କରିଥାନ୍ତି । ତେଣୁ ଶାସ୍ତ୍ରରେ କୁହାଯାଇଛି -'ଗୃଳାରୋଦ୍ଧନ୍ଦରାରସ୍ତୁ ରୁ କାରସ୍ତ ନିବର୍ତ୍ତକଃ / ଅନ୍ଧକାର ନିବୃତ୍ୟାତୁ ଗୁରୁତିତ୍ୟରି ଧୀୟତେ ।'

'ଗୁ' କହିଲେ ଅନ୍ଧାର ଏବଂ 'ରୁ'ର ଅର୍ଥ ଅଜ୍ଞାନ। ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି । ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି । ଗୁରୁ ଅର୍ଥରେ ସେ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଗୁରୁଙ୍କର ମହତ୍ତ୍ୱ ଅକଳ୍ପନୀୟ, ସମୁଦ୍ର ଭଳି ଗଭୀର ଓ ଆକାଶ ଭଳି ପରିବ୍ୟାପ୍ତ । ଯାହାଙ୍କର କୌଣସି କଳନା ନାହିଁ। ଗୁରୁଙ୍କ ସାନ୍ନିଧ୍ୟ ଓ ଶିକ୍ଷା ଦ୍ୱାରା ଜଣେ ସାଧାରଣରୁ ନିପୁଣ ହୋଇପାରେ । ପିତାଗୁରୁ, ମାତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କଠାରୁ ଚଳଣି, ଶିକ୍ଷାଗୁରୁଙ୍କ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ ଠାରୁ ବିଦ୍ୟା, ଦୀକ୍ଷାଗୁରୁଙ୍କଠାରୁ ସିଦ୍ଧି ପ୍ରାପ୍ତ ହେଲେ ବି; ଜଣେ ମାଟି, ଜଳ, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ବୃକ୍ଷ, ଜୀବଜଗତଙ୍କଠାରୁ ଅନେକ କିଛି ଶିଖେ । ନିଜେ କଟେଇଥିବା ସମୟଠାରୁ ଅଭିଜ୍ଞତା ଗ୍ରହଣ କରିବି ଜଣେ ଏହି ସଂସାର ପଥ ଅତିକ୍ରମ କରିବାକୁ ଶିକ୍ଷାଲାଭ କରେ । ଏଣୁ ସାମଗ୍ରିକ ଦୃଷ୍ଟିରୁ ଗୁରୁଶବ୍ଦର ଏକ ମହାବ୍ୟାପ୍ତିତାକୁ ଅନୁଭବ କରି ହୁଏ । ତେଣୁ ଶାସ୍ତ୍ର ମତରେ ଗୁରୁ ସର୍ବବ୍ୟାପ୍ତି, ସର୍ବ ଶକ୍ତିମାନ ଓ ସର୍ବ ଜ୍ଞାତ୍ୱା ର ଆଧାର । ପ୍ରାକୃତିକ ଶକ୍ତିର ରୁଣ ତାଙ୍କ ଭିତରେ ସମାହିତ । ଏଣୁ ଦର୍ଶାଇ ଦିଆଯାଇଛି-



'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ / ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।

ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି । ଶିକ୍ଷା ବିନା ମାନବ ଜୀବନ ନିରର୍ଥକ ପାଲଟି ଯାଏ, ଦେଶର ବିକାଶ ଘଟିପାରେ ନାହିଁ। ତେଣୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଙ୍କର ମହତ୍ତ୍ୱ ସେହିପରି ସବୁ ସମୟରେ ଅଛି । ଆଜିର ସମୟକୁ ବି ଦେଖିଲେ ଯିଏ ଯେଉଁକ୍ଷେତ୍ରରେ ବି ଯାଉ, ସେହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ ଜଣେ ସଦ୍ ଗୁରୁ, ବା ଶିକ୍ଷକ ବା ପରାମର୍ଶଦାତା ବା କୋଚ୍ ବା ମେଣ୍ଟରଙ୍କର ନିହାତି ଆବଶ୍ୟକତା ରହିଛି । ତାଙ୍କର ଅବର୍ତ୍ତମାନରେ କୌଣସି ପ୍ରକାର ଆଗକୁ ଆଗେଇବା ସମ୍ଭବ ନୁହେଁ । ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାହିଁ ଅନୁଭବ କରିଥିଲେ । ତେଣୁ ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏହା ଏକ ବିଶେଷ ଦିବସ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ । ଊନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା । କହିବାକୁ ଗଲେ ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ । ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ (ସେପ୍ଟେମ୍ବର ୫) ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଆଗରୁ ସୂଚିତ କରିଥିବା ପାରମ୍ପାରିକ ଭାବରେ ହିନ୍ଦୁମାନଙ୍କ ଦ୍ୱାରା ଗୁରୁମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଏ । ଆର୍ଜେଣ୍ଟିନା ୧୯୧୫ ମସିହାରୁ ସେପ୍ଟେମ୍ବର ୧୧ରେ ଡୋମିଙ୍ଗୋ ଫାଉଷ୍ଟିନୋ ସାର୍ମିଏଣ୍ଟୋଙ୍କ ମୃତ୍ୟୁ ଦିବସକୁ ଶିକ୍ଷକ ଦିବସ ଭାବରେ ପାଳନ କରିଆସୁଛି । ୧୯୯୪ରେ ୟୁନେସ୍କୋଦ୍ୱାରା ସ୍ଥାପିତ ବିଶ୍ୱ ଶିକ୍ଷକ ଦିବସ ସହିତ ମିଳିତ ଭାବରେ ଅନେକ ଦେଶ ଅକ୍ଟୋବର ୫ ତାରିଖରେ ସେମାନଙ୍କର ଶିକ୍ଷକ ଦିବସ ପାଳନ କରିଥାନ୍ତି ।

ସେଭଳି ଭାରତୀୟମାନେ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ପ୍ରତିବର୍ଷ ଗୁରୁଦିବସ ଭାବେ ପାଳନ କରିଆସୁଛନ୍ତି । ସେ ଜଣେ ଦାର୍ଶନିକ ତଥା ଜଣେ କୁଶଳୀ ରାଷ୍ଟ୍ରନୀତିଜ୍ଞ ଓ ଜଣେ ଆଦର୍ଶ ଶିକ୍ଷକ ଭାବରେ ରାଧାକ୍ରିଷ୍ଣନ୍ ବେଶ୍ ପରିଚିତ । ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଭାରତର ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ଓ ବନ୍ଧୁମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ । ଏହାକୁ ନେଇ ସେ କହିଥିଲେ, ତୁମେମାନେ ମୋ ଜନ୍ମଦିନ ପାଳନ କରିବା ଅପେକ୍ଷା, ଯଦି ଏହି ଦିନ ଗୁରୁମାନଙ୍କ ଦିବସ ଭାବରେ ପାଳନ କରିବ ତାହା ମୋ ପାଇଁ ସମ୍ମାନର ପରିଚୟ ହେବ ।

ତାଙ୍କ କଥାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଆଦର୍ଶ ଗୁରୁ ହୋଇଥାନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ 'ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟ ଜଣେ'। ଗୁରୁ ଓ ରାସ୍ତା ଏକାପରି । ସେମାନେ ଯେକୌଣସି ଜାଗାରେ ଥାଇ ମଧ୍ୟ ଆଗକୁ ବଢିବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହା ହିଁ ତ ଗୁରୁଙ୍କ ମହାନତା । ଗୁରୁଙ୍କ ଉପରେ ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ । କଞ୍ଚାମାଟିର ପିଡୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନାହିଁ । ଗୁରୁ ହିଁ ସର୍ବ ପ୍ରେରଣାର ଉତ୍ସ । ପ୍ରତ୍ୟେକ ଶିକ୍ଷାର୍ଥୀ ଜନ୍ମରୁ, ସର୍ବପ୍ରଥମେ ପିତାମାତାଙ୍କ ଠାରୁ ପ୍ରାରମ୍ଭିକ ଶିକ୍ଷା ପାଇଥାଏ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ପରେ ଶିଶୁଟି ଖଡି ଧରିବା ଆରମ୍ଭ କରିଥାଏ । ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା ।

ସୁନାଗରିକଭାବେ ଜୀବନ ନିର୍ବାହ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ, ବିଜ୍ଞାନ, କୌଶଳ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଓ ପରିପାର୍ଶ୍ୱ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନ କରିବା ହେଉଛି ଶିକ୍ଷକଙ୍କ କାର୍ଯ୍ୟ । ଆନ୍ତର୍ବିଦ୍ୟା ଓ ବହୁବିଷୟକ ଗବେଷଣା ମାଧ୍ୟମରେ ପ୍ରଗତିଶୀଳ, ଜ୍ଞାନ ସମ୍ଭବ ପୋଷଣୀୟ ସମାଜ ନିର୍ମାଣ କରିବା ପାଇଁ ଉଦ୍ୟମ ଜାରିରଖିବାକୁ ଆଦର୍ଶ ଶିକ୍ଷକ ହିଁ ଚେଷ୍ଟା କରିଥାନ୍ତି । ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତକାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ନୈତିକତା, ଗୁଣବତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତଗତ ଜନ୍ମତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତକରିବା ଓ ଚେତନାର ଉତ୍ତରଣ ମାଧ୍ୟମରେ ଜଗତକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବାପାଇଁ ଯେଉଁ ଶିକ୍ଷକ ମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ଆଜି ବନ୍ଦନୀୟ ଓ ସ୍ମରଣୀୟ ।

ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା,ଜ୍ଞାନ ଆହରଣର ନୂତନମାର୍ଗ ମାଧ୍ୟମରେ ଗତିଶୀଳ ଜ୍ଞାନଭିତ୍ତକ ଅର୍ଥନୀତି ସଂପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ରୂପାନ୍ତର ଆଜିର ପ୍ରତ୍ୟେକ ଗୁରୁଙ୍କ ପବିତ୍ର ଦିବସର କାମ୍ୟ ହେଉ...!!!

ଅଧ୍ୟକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫

ଗୁରୁ ମହାନ



କୀର୍ତ୍ତନ ସାହୁ

ସେପ୍ଟେମ୍ବର ମାସ ପାଞ୍ଚ ତାରିଖଟି
ମନ ଉଲ୍ଲସିତ କରେ
ଏହି ଦିନ ଗୁରୁ ଦିବସ ପାଳନ୍ତି
କେତେ ଯେ ଆଗ୍ରହ ଭରେ।

ରାଧାକ୍ରିଷ୍ଣ ଥିଲେ ଗୁରୁଙ୍କର ଗୁରୁ
ତାଙ୍କ ଜନ୍ମ ଦିନ ପାଳି
ଗୁରୁ ଦିବସଟି ମାନୁଛନ୍ତି ଆମେ
କେତେ ଧୂପ ଦୀପ ଜାଳି।

ଶିକ୍ଷକ ହୋଇବି ଉପ ରାଷ୍ଟ୍ରପତି
ପୁଣି ରାଷ୍ଟ୍ରପତି ହେଲେ
ଗୁରୁଙ୍କ ଆସନ ସର୍ବଦା ଉପରେ
ଏ କଥା ଚେତାଇ ଦେଲେ।

ଗୁରୁ ଅନୁସରି କାମ କରି ଗଲେ
ଜୀବନ ସାର୍ଥକ ହୁଏ
ଗୁରୁଙ୍କ ଆଦର୍ଶ ଗୁରୁ ଆଚରଣ
ହୃଦୟକୁ ଆମ ଛୁଏଁ।

ଖଡ଼ି ସେ ଧରାଇ ଅକ୍ଷର ଶିଖାଇ
କେତେ ଯେ ଶିଖାଇ ଥାନ୍ତି
ବାଟ ଚାଲୁ ଚାଲୁ କେବେ ଝୁଣ୍ଟି ହେଲେ
ଆସି ପାଖେ ମିଳି ଯାନ୍ତି।

ଗୁରୁଙ୍କ ପାଖରେ ଥିଲେ ଡର ନାହିଁ
ମନରେ ସାହସ ଭରେ
ଆମରି ଭିତରେ ଆଲୋକର ଶିଖା
ଧରାଇ ଦିଅନ୍ତି କରେ।

ଗୁରୁ ଯେ ଈଶ୍ୱର ଗୁରୁ ମହେଶ୍ୱର
କରିବା ତାଙ୍କର ସେବା
ତାଙ୍କୁ ଅନୁସରି କାମ କରି ଯିବା
ମନ ପ୍ରାଣ ଢାଳି ଦେବା।

ଞଞଞ

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ବ୍ରହ୍ମ ଜ୍ଞାନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗୁରୁ ଶବ୍ଦ ବ୍ରହ୍ମ ; ଶ୍ରଦ୍ଧା ବିଶ୍ୱାସର
ଅଟନ୍ତି ସୃଷ୍ଟି ଆଧାର
ଦିଶାହୀନ ଛାତ୍ର ରାହା ପାଇଯାଏ
ଦୂରେଇ ଦେଇ ଅନ୍ଧାର ।

କଞ୍ଚା ମାଟିକୁ ଯେ ହାତରେ ଗଢିଣ
ଦିଅନ୍ତି ଅନେକ ରୂପ
ଜ୍ଞାନ ଶିକ୍ଷା ବଳେ ଚକ୍ଷୁ ଖୋଲି ଯାଏ
ଢାଳନ୍ତି ଆଶିଷ ଧୂପ ।

ଅନ୍ଧାରୁ ଆଲୋକ ଦିଅନ୍ତି ଦେଖାଇ
ନ ଥାଏ ଅନ୍ୟ ଭାବନା
ଚାହାଁନ୍ତି ସର୍ବଦା ଛାତ୍ର ଭବିଷ୍ୟତ
ମନେ ନକରି ଶୋଚନା ।

ଗୁରୁକୃପା ବଳେ ଛାତ୍ରଛାତ୍ରୀ ଗଣ
ପାଆନ୍ତି ଦିବ୍ୟ ଆଲୋକ
କୁକର୍ମକୁ ତ୍ୟାଗୀ ସୁକର୍ମ କରନ୍ତି
ବନିଥାନ୍ତି ସୁଦକ୍ଷକ ।

ଗୁରୁଭକ୍ତି ସାଥେ ଗୁରୁସେବା ଅଟେ
ଶିଷ୍ୟର ପରମ ଧର୍ମ
ଆଧୁନିକ ଯୁଗ ଶିଖାଇଛି ଆଜି
ଅଧର୍ମ ବିଧର୍ମ କର୍ମ।

ଭୁଲନ୍ତି ସଭିଏଁ ଶାସ୍ତ୍ର ଧର୍ମ ଜ୍ଞାନ
ଭୁଲିଲେଣି ରୀତିନୀତି
ଜ୍ଞାନର ଆଶାରେ ଅଜ୍ଞାନ ଆବୋରି
ଯାଉଅଛି ଦିନ ବିତି ।

ନୟାଗଡ଼
ମୋ: ୯୪୩୭୬୪୨୯୪୭

ଗୁରବେ ନମଃ

ଶୁଭ୍ରାଙ୍ଗୀ ପ୍ରିୟବାଦିନୀ

ଗୁରୁ ଏକ ଶବ୍ଦ
ନା ଏକ ସଂରଚନା !
ଗୁରୁ ଏକ ଭାବନା
ନା ଏକ ସଂଭାବନା !
ଗୁରୁ ଏକ ଚେତନା
ନା ଏକ ରଚନା !
ଗୁରୁ ଏକ ଅଳଙ୍କାର
ନା ଏକ ମୂର୍ଚ୍ଛନା !

ଗୁରୁ ଆରମ୍ଭର ସଦ୍ୟଫୁଟା ବାସ୍ନା
ନା ଶେଷର ମଧୁର ଜ୍ୟୋତ୍ସ୍ନା

ଗୁରୁ କ'ଣ ଆଲୋଚନା
ନା ପର୍ଯ୍ୟାଲୋଚନା !
ଗୁରୁ ପଥପ୍ରଦର୍ଶକ
ନା ଆଲୋକର ଶୀର୍ଷକ !
ଗୁରୁ ଅଟେ ତୃଷ୍ଣା ମେଣ୍ଟାଇବାର ପ୍ରୟାସ
ନା ଶିଷ୍ୟଙ୍କର ଆଶା ଓ ବିଶ୍ୱାସ।
ଗୁରୁ କାରକ
ନା ବ୍ୟତିରେକ !
ସବୁରି ମିଶ୍ରଣେ ସେ ଗରୀୟାନ
ଏବଂ ମହାନ୍
ସର୍ବ ସମ୍ମତେ ସର୍ବ ସମ୍ମୁଖେ
ଏବଂ ସର୍ବାଗ୍ରେ
ସେ ପୂଜ୍ୟ
ଓ ବନ୍ଦନୀୟ
ଗୁରୁବେ ନମଃ

+ଭୁବନେଶ୍ୱର
ମୋ:୭୦୦୮୧୦୯୯୮୦

ଆଧୁନିକ ଶିକ୍ଷାରେ ଗୁରୁର ମହତ୍ତ୍ୱ

ଲଳିତ ମୋହନ ମିଶ୍ର

ଜୀବନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ୧୯୮୮ ମସିହାରେ ଜନ୍ମ ହୋଇଥିବା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନକୁ ଗୁରୁଦିବସ ଭାବରେ ପାଳନ କରାଯାଏ । ରା

ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର, ୦୪/୦୯ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ କମିଟି ବୈଠକ ତଥା ଫୁଟବଲ ଟୁର୍ଣ୍ଣାମେଂଟ, ଟ୍ରାନ୍ସଫର ଚୟନ କମିଟି ଓ ଅମ୍ପାୟାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୃଝାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଓଡିଶା କ୍ରିକେଟ ଆସୋସିଏସନ୍ର ପୂର୍ବତନ ଯୁଗ୍ମ ସଂପାଦକ ସ୍ୱର୍ଗତ ସତ୍ୟବ୍ରତ ବେହେରାଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ସଦ୍ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକର ସମ୍ପାଦକ ଶ୍ରୀ ପୃଝାରୀ ପ୍ରଥମେ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ଚଳିତ ବର୍ଷର ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଆସନ୍ତା ୨୪.୦୯.୨୦୨୩ ରୁ ୧୪.୧୦.୨୦୨୩ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଖେଳ ପଡିଆରେ ଆୟୋଜନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି । ଅଂଶଗ୍ରହଣକାରୀ ଦଳ ଆଗାମୀ ୧୪.୧୦.୨୦୨୩ ସୁଦ୍ଧା ତାଙ୍କର ଆବେଦନ ଫର୍ମ ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟାଳୟରେ ଦଖଲ କରିବେ । ଏହି ବୈଠକରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ଫୁଟବଲ ସଂପାଦକ ହେମନ୍ତ ବେହେରା, ମହିଳା ଓ ଗ୍ରାମାଚଂଳ କ୍ରୀଡ଼ା ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର ପୁରୋହିତ, ଶିଶିର କୁମାର ବହିଦାର, ବିଜୟ ବଂଶଲ, ସୁଥିର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଠ୍ ପ୍ରମୁଖ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଫୁଟବଲ ଆୟୋଜନ କମିଟି ସଭ୍ୟ ସୁନିଲ ଚନ୍ଦ୍ର ବିଶ୍ୱାଳ, ଡ଼.ସିଦ୍ଧେଶ୍ୱର ମିଶ୍ର, ଶରତ କୁମାର ନନ୍ଦ, ଶ୍ରୀକାନ୍ତ ରାଉତ, ନରେଶ ଅଗ୍ରୱାଲ, ଭୁପିନ୍ଦର ସିଂ, ନିଶାର କାନ୍ତ ନାଗ, ନରସିଂ ସ୍ୱାମୀ ନାଇଡୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଶେଷରେ ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଦ୍ୱାରା ଆଇନ ସାକ୍ଷରତା କ୍ଲବଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ଜୟପୁର, ୦୪/୦୯ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଗଠନ କରାଯାଇଥିବା କୋରାପୁଟ ଜିଲ୍ଲାର ୧୩ଟି ବିଦ୍ୟାଳୟକୁ ନେଇ ଆଇନ ସାକ୍ଷରତା କ୍ଲବ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଜୟପୁରର ସଭାଗୃହରେ ଠାରେ ଅନୁଷ୍ଠିତ କରାଯାଇଥିଲା। ଏଥିରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ କ୍ଷୁଦ୍ର ଏକାଙ୍କିକା ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିବା ଆଇନ ସାକ୍ଷରତା କ୍ଲବ ଗୁଡିକ ମଧ୍ୟରେ କ୍ଷୁଦ୍ର ନାଟକରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ଓଡିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ ଏବଂ ପ୍ରବନ୍ଧରେ ଅଂଶୁମାନ ସ୍ୱାଇଁ ଜୟପୁର ସିଟି ହାଇସ୍କୁଲ, ବକ୍ତୃତାରେ ସାଇ କିରନ ପଟ୍ଟନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟପାଡ ଓ ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଫୁଲ୍ଲ ସାନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରା ଜଜ ତଥା ଅଧକ୍ଷ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଶ୍ରୀ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତୀଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ପ୍ରତିଯୋଗିତାରେ ବିଚାରକ ମଣ୍ଡଳ ଭାବେ ଶ୍ରୀ ରାଜେଶ୍ ଏକ୍କା, ସ୍ୱତନ୍ତ୍ର ବିଚାରପତି (ଦୁର୍ନୀତି ନିବାରଣ), ଜୟପୁର ଶ୍ରୀ ବାସୁଦେବ ପାତ୍ର ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ଅଦାଲତ , ଜୟପୁର, ଶ୍ରୀମତି ଅଞ୍ଜଳୀମାଛଖଣ୍ଡ, ବରିଷ୍ଠ ଦେୱାନୀ ବିଚାରପତି ତଥା ଜଜ୍ ମହିଳା କୋର୍ଟ, ଶ୍ରୀମତୀ ରେଖାରାଣୀ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ବ୍ୟତୀତ ଜୁରୀ ମେମ୍ବର ଶ୍ରୀ ଉଦୟଶଙ୍କର ଜାନୀ, ଅବସରପ୍ରାପ୍ତ ଅଲ୍ ଇଣ୍ଡିଆ ରେଡିଓ ଶାଖା, ଜୟପୁର, ଶ୍ରୀ ପଦ୍ମଚରଣ ଚୌଧୁରୀ, ଆର୍ଟ ପ୍ରଶିକ୍ଷକ, ଡଃ ନିଳାଦ୍ରୀ ନାଥ ଦାସ, ଆସିଷ୍ଟାଂଟ ପ୍ରଫେସର ବିକ୍ରମଦେବ ମହାବିଦ୍ୟାଳୟ, ଜୟପୁର, ଡଃ. ଅରୁଣ ରାଜ, ଆସିଷ୍ଟାଂଟ ପ୍ରଫେସର ବିକ୍ରମଦେବ ମହାବିଦ୍ୟାଳୟ, ଜୟପୁର, ସୂଚାରୁରୂପେ ଦାୟିତ୍ୱ ପାଳନ କରିଥିଲେ ।

ଡକାୟତି ଯୋଜନା ପଣ୍ଡ ୫ ଗିରଫ

ପୁରୀ, ୦୪/୦୯ (ନି.ପ୍ର): ସ୍ଥାନୀୟ ସେଂଟ୍ରାଲ ସ୍କୁଲ ପଛପଟେ ଡକାୟତ ପାଇଁ ଯୋଜନା କରୁଥିବାବେଳେ ତାଳବଣିଆ ପୋଲିସ ସେଠାରେ ପହଂଚି ୫ ଜଣଙ୍କୁ ଧରିଥିଲା। ଅନ୍ୟ ୨ ଜଣ ଖସି ଯିବାକୁ ସମର୍ଥ ହୋଇଥିଲେ। ଚଢ଼ାଉ ସମୟରେ ପୋଲିସ ଉପରକୁ ବୋମା ମାଡ଼ କରିଥିଲେ। ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଙ୍ଗଳାଘାଟ ଜଗନ୍ନାଥ ବସ୍ତିର ବିଦେଶୀ ବେହେରା, ଦୋଳମଣ୍ଡପ ସାହି ନାରାୟଣୀ ଲେନର ରାଜକିଶୋର ନାୟକ ଓ ଅଜିତ ନାୟକ। କଣ୍ଟପୁରୁର ସୁଶାନ୍ତ କୁମାର ବିଶ୍ୱାଳ, ରେବତୀ ରମଣର କାହ୍ନା ଭୋଇ। ସେମାନଙ୍କ ଠାରୁ ପୋଲିସ ୨ ଖଣ୍ଡା, ଲୁହାରଡ଼, ୨ ଟି ବୋମା ଓ ବୋମା ତିଆରୀ ସାମଗ୍ରୀ ଜବତ କରିଛି। ସେଂଟ୍ରାଲ ସ୍କୁଲ ନିକଟରେ ଗାଡ଼ି ଚାଳକ ପର୍ଯ୍ୟଟକଙ୍କ ଠାରୁ ଡକାୟତି ଯୋଜନା କରୁଥିଲେ ବୋଲି ସି.ଟି. ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ବିପିଏଲଙ୍କୁ ପାଣି ପାଇପ ସଂଯୋଗରେ ୫ କୋଟି ଟଙ୍କାର ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

ଭୁବନ, ୦୪/୦୯ (ନି.ପ୍ର):- ଢ଼େଙ୍କାନାଳ ଜିଲ୍ଲା ଭୁବନ ଜନସ୍ୱାସ୍ଥ୍ୟ ବିଭାଗ ସମ୍ପ୍ରତି ଦୁର୍ନୀତି, ପ୍ରୀୟାପ୍ରିତି, ଅନିୟମିତତା ଓ ସ୍ୱେଚ୍ଛାଚାରିତା ଚରମ ସୀମାରେ ପହଂଚିଛି । ଏହି କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନୀତି ବଳି ପଡ଼ିଛି । ଜଣେ କର୍ମଚାରୀ ଅତି ବେଶିରେ ୩ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ କାର୍ଯ୍ୟ କରିପାରିବାର ସରକାରଙ୍କ ନିୟମ ଥିଲା ବେଳେ ଏଠାରେ ନିଯୁକ୍ତି ପ୍ରାପ୍ତ ଯନ୍ତ୍ରୀ ଜଣକ ଦୀର୍ଘ ୧୪ ବର୍ଷରୁ ଉର୍ଦ୍ଧ୍ୱ ସମୟ କିଭଳି ଭାବେ ରହିଲେଣି ବୋଲି ବୁଦ୍ଧିଜୀବୀ ମହଲ ବିସ୍ମୟ ପ୍ରକାଶ କରୁଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସୋନାଲି ନାଏକ ୨୦୦୮-୦୯ ରେ ଭୁବନ ଜନସ୍ୱାସ୍ଥ୍ୟ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗଦେଇଥିଲେ । ୨୦୧୩-୧୪ ରେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ନହୋଇ ଏଠାରେ ରହି ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି । କନିଷ୍ଠ ଯନ୍ତ୍ରୀ ଭାବେ ୪ ବର୍ଷ ଓ ତା ପରେ ସହକାରୀ ଯନ୍ତ୍ରୀ ଭାବେ ୧୦ ବର୍ଷ ଏମିତି ସମୁଦାୟ ୧୪ ବର୍ଷ ହେଲା ସେ ଏଠାରେ କାର୍ଯ୍ୟ କରୁଛନ୍ତି। କୋଟି କୋଟି ଟଙ୍କାର ପାଇପ ବିଛା କାର୍ଯ୍ୟରେ ଜନୈକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବାରମ୍ବାର ଟେଣ୍ଡର ଦିଆଯାଉଥିବା ବେଳେ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ମଧ୍ୟ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଦିଆଯାଇ ମୋଟା ଅଙ୍କର ପିସି ଆଦାୟ କରୁଥିବା ଅଭିଯୋଗ ହେଉଛି । ପାଇପ ବିଛା କାର୍ଯ୍ୟ ପାଇଁ ସାରା ସହର ରାସ୍ତାକୁ ଖୋଳି ତାଡି ନଷ୍ଟ କରିଦେଉଛନ୍ତି । ଏନ୍.ଏ.ସି. ତରଫରୁ ନିର୍ମାଣ କରାଯାଇଥିବା ଫେବର ରାସ୍ତାକୁ ମଧ୍ୟ ଖୋଳି ନଷ୍ଟ କରିଦେଇଛନ୍ତି । ପାଇପ କାର୍ଯ୍ୟ ପାଇଁ ଯେଉଁ ରାସ୍ତା ଖୋଳା ଯାଉଛି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାହାକୁ ମରାମତି କରା ନଯାଇ ସେମିତି ଛାଡ଼ି ଦିଆଯାଉଛି । ରାସ୍ତା ଖରାପ ହେବା ସହ ସୋନ୍ଦର୍ଯ୍ୟ ହାନି ହେଉଛି । ସର୍ବନିମ୍ନ ୩ ଫୁଟ ଖୋଳିବାର ନିୟମ ଥିଲା ବେଳେ ମାତ୍ର ୧ ଫୁଟ ରୁ ଦେଢ଼ ଫୁଟ ଖୋଳା ଯାଉଛି। ଫଳରେ ଭାରିଯାନ ଯିବା ଯୋଗୁ ପାଇପ ଫାଟି ରାସ୍ତାରେ ପାଣିର ସୁଅ ଛୁଟୁଛି । କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ହୋଇ ପାରୁନି । ନିୟମିତ ଭାବେ ପାନୀୟ ଜଳ ଯୋଗାଇ ଦିଆଯାଉନାହିଁ । ଅନେକ ସ୍ଥାନରେ ଲୋ ପ୍ରେସର ଯୋଗୁ ଲୋକେ ପାଣି ପାଇପାରୁନାହାନ୍ତି ବୋଲି କାଉନସିଲର ଗିରିଧାରୀ ସାହୁ, ସୁଶାନ୍ତ ନାୟକ ଅଭିଯୋଗ କରିଛନ୍ତି। ବିପିଏଲ କନେକ୍ସନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଗୋଟିଏ ବିପିଏଲ ପରିବାରକୁ ପାଣି ପାଇପ ସଂଯୋଗ ପାଇଁ ସରକାର ୧୦ ହଜାର ଟଙ୍କା ଦେଉଥିବା ବେଳେ ଭୁବନର ହାରାହାରି ୫ ହଜାରରୁ ଉର୍ଦ୍ଧ୍ୱ ବିପିଏଲ ପରିବାରକୁ ପାଣି ପାଇପ ସଂଯୋଗରେ ପ୍ରାୟ ୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । କାରଣ ପୂର୍ବରୁ ଅଧିକାଂଶ ବିପିଏଲ / ଏ ପିଏଲ ଲୋକ ବିଭାଗୀୟ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ଘରକୁ ପାଣି ପାଇପ କନେକ୍ସନ ନେଇଥିବା ବେଳେ ପରେ ବିପିଏଲ ତାଲିକା ଦେଖି ସମସ୍ତଙ୍କୁ ରେଗୁଲାର କରି ଏ ବାବଦରେ କୋଟି କୋଟି ଟଙ୍କା ଆତ୍ମସାତ କରାଯାଇଥିବା ସ୍ପଷ୍ଟ ହୋଇଛି । ଯନ୍ତ୍ରୀ ଶ୍ରୀମତୀ ସୋନାଲି ନାଏକ ଆଦୌ ଅଫିସ୍ ଆସୁନଥିବାରୁ ସାଧାରଣ ଲୋକ ନିଜର ସମସ୍ୟା ଜଣାଇ ପାରୁନାହାନ୍ତି । ଯଦି କୌଣସି ଲୋକ ତାଙ୍କ କ୍ୱାର୍ଟର ଯାଇ ଯନ୍ତ୍ରୀଙ୍କୁ ଖୋଜିଲା ତାହେଲେ ସମସ୍ୟା ଶୁଣିବା ତ ଦୂରର କଥା, ଯନ୍ତ୍ରୀଙ୍କ ରୁକ୍ଷ ବ୍ୟବହାର ସାଙ୍ଗକୁ ଦୂରଦୂର ମାରମାର ରେ ଅତିଷ୍ଠ ହୋଇ ଫେରୁଛନ୍ତି । ଯନ୍ତ୍ରୀଙ୍କୁ କୌଣସି ବିଭାଗୀୟ ପାଣି ପାଇପ କାର୍ଯ୍ୟରେ ଆଦୌ ଦେଖିବାକୁ ମିଳେନାହିଁ । ସର୍ବଦା ନିଜର ଅଧସ୍ତନ କର୍ମଚାରୀଙ୍କୁ ପଠାଇ ଦେଇ ନିଜେ ଆରାମ କରନ୍ତି । ପ୍ରତ୍ୟେକ ସରକାରୀ ସଭା ସମିତି, ଆଲୋଚନାରେ ଯନ୍ତ୍ରୀଙ୍କ ବଦଳରେ ତାଙ୍କ ପ୍ରତିନିଧି ଯୋଗ ଦିଅନ୍ତି ଓ ଜେ.ଇ. / ଏ.ଇ. ସ୍ଥାନରେ ନିଜ ନାମରେ ଦସ୍ତଖତ ଦେଉଛନ୍ତି । ସେ ପ୍ରମାଣ ମଧ୍ୟ ହସ୍ତଗତ ହୋଇଛି । ଯନ୍ତ୍ରୀ ମହାଶୟା ଜଣକ ଆଦୌ ତାଙ୍କ ସରକାରୀ ବାସଭବନରୁ ପଦାକୁ ବାହାରୁ ନଥିବା ବେଳେ ଟୁର ଡାଇରୀ ମେଂଟେନ କରି ସରକାରୀ ଅର୍ଥ ଲୁଟ କରୁଥିବା ଅଭିଯୋଗ ହେଉଛି। ଏହି ମହିଳା ଯନ୍ତ୍ରୀଙ୍କ ଦୁର୍ନୀତି, ଆୟ ବହିର୍ଭୁତ ସମ୍ପତ୍ତିର ତଦନ୍ତ ଓ ତାଙ୍କ ବଦଳି ପାଇଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସଚିବ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍.ଏ.ସି. କାଉନସିଲ ମିଟିଂ ରେ ରିଜୋଲ୍ୟୁସନ୍ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପଛରେ କେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଛି ତାହା ବୁଝା ପଡୁନି। ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ କଳା କାରନାମା, ଆୟ ବହିର୍ଭୁତ ସମ୍ପତ୍ତି ଓ ବିପିଏଲ ପରିବାରକୁ ପାଣି ପାଇପ ସଂଯୋଗର ଭିଜିଲାନ୍ସ ତଦନ୍ତ କରାଯିବା ସହ ତାଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ଦାବି ହୋଇଛି।

ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ଦେଢ଼ ମାସ ହେଲା ଏକ୍ସରେ ମେସିନ ଅଚଳ

ଗଞ୍ଜାମ, ୦୪/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନା ଉପରେ ସ୍ଥାନୀୟ ଅଂଚଳ ଏବଂ ଉପକଣ୍ଠ ଗ୍ରାମାଚଂଳ ସମେତ ସୀମାନ୍ତ କନ୍ଧମାଳ ଓ ନୟାଗଡ଼ ଜିଲ୍ଲାର ରୋଗୀ ମାନେ ନିର୍ଭର କରିଥାନ୍ତି । ଜିଲ୍ଲା ଚିକିତ୍ସାଳୟ ଓ ବ୍ରହ୍ମପୁର ବଡ ମେଡିକାଲ ବହୁ ଦୂରରେ ଥିବାରୁ ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ରୋଗୀ ଆସିଥାନ୍ତି। କିନ୍ତୁ, ଏଠାରେ ଡାକ୍ତର ଅଭାବଯୋଗୁଁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରୁନାହିଁ । ଡାକ୍ତରଙ୍କୁ ଦେଖା କରିବା ପାଇଁ ଘଂଟା ଘଂଟା ଧରି ଧାଡ଼ିରେ ଛିଡାହେବାକୁ ପଡୁଛି । ଏଠାରେ ମେଡ଼ିସିନ, ଶିଶୁ, ଚକ୍ଷୁ, ପ୍ରସୂତି ଓ ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପ୍ରାୟ ୧୨୦ଟି ଶଯ୍ୟା ରହିଛି । ମାସକୁ ପ୍ରାୟ ୧୨ ହଜାର ରୋଗୀଙ୍କୁ ଆଉଟ୍ ଡୋର ଏବଂ ପ୍ରାୟ ୩ରୁ ୪ ହଜାର ରୋଗୀଙ୍କୁ ଇନଡୋର ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । କିନ୍ତୁ, ପ୍ରାୟ ଦେଢ଼ ମାସ ହେବ ଏକ୍ସରେ ମେସିନ ଅଚଳ(ଖରାପ) ହୋଇପଡିଥିବାରୁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚଳିତ ବର୍ଷ ଏବେ ସୁଦ୍ଧା ୫,୫୬୦ ଜଣ ରୋଗୀଙ୍କୁ ମାଗଣାରେ ଏକ୍ସରେ ସେବା ଯୋଗାଇ ଦିଆଯାଇଛି । ଜାନୁଆରୀ ମାସରେ ୧୦୫୩, ଫେବୃଆରୀ ରେ ୭୯୮, ମାର୍ଚ୍ଚରେ ୬୫୨, ଅପ୍ରେଲରେ ୯୫୯, ମଇରେ ୭୯୭, ଜୁନ୍ ରେ ୮୧୭ ଏବଂ ଜୁଲାଇ ୧୯ ତାରିଖ ସୁଦ୍ଧା ୪୮୪ ଜଣ ରୋଗୀଙ୍କ ଏକ୍ସରେ କରାଯାଇଛି । ଏହା ପର ଠାରୁ ପ୍ରାୟ ଦେଢ଼ ମାସ ହେବ ଏକ୍ସରେ ମେସିନ୍ ଖରାପ ହୋଇପଡିଛି । ଅନ୍ୟପକ୍ଷରେ ଏହି ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି ସର୍ଜରୀ ବିଶେଷଜ୍ଞ ପଦବି ଖାଲି ପଡିଥିବା ବେଳେ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଦେଢ଼ ବର୍ଷ ହେଲା ଏଠାରେ ନିଯୁକ୍ତି ପାଇଥିଲେ ମଧ୍ୟ ରୋଗୀ ଏକ୍ସରେ ସେବାରୁ ବଂଚିତ ହେଉଛନ୍ତି ଏବଂ ବେସରକାରୀ ସଂସ୍ଥାରେ ଏକ୍ସରେ କରାଉଛନ୍ତି । ମେଡ଼ିକାଲ ଅଧିକ୍ଷକ ଡାକ୍ତର ସୀତାଶୁଂ ଶେଖର ଶତପଥି କହିଛନ୍ତି ଯେ, ମେସିନ୍ ଖରାପ ହୋଇଥିବା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ପ୍ରଶାସନକୁ ଅବଗତ କରିଛନ୍ତି । ରୋଗୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଅତ୍ୟାଧୁନିକ ଡିଜିଟାଲ ଏକ୍ସରେ ସହ ଆଉ ଗୋଟିଏ ସି.ଆର.ଏକ୍ସରେ ମେସିନ ପାଇଁ ଚିଠି ଲେଖାଯାଇଛି ।

ଗାୟତ୍ରୀ ପରିବାର ବଲାଙ୍ଗୀର ଯୁବା ଚେତନା ଶିବିର

ବଲାଙ୍ଗୀର, ୦୪/୦୯ (ନି.ପ୍ର): ଆଜି ସ୍ଥାନୀୟ ଅର୍ଯ୍ୟ ସମାଜ ମନ୍ଦିର ଠାରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବଲାଙ୍ଗୀର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତାଙ୍କ ଅଧକ୍ଷତାରେ ଯୁବ ଚେତନା ଶିବିର ପୂର୍ବାହ୍ନ ୧୦ଟାରେ ଗାୟତ୍ରୀ ମନ୍ତ୍ର ସହିତ ପୂଜାର୍ଚ୍ଚନା କରି ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଠାରେ ଆଗାମୀ ୨୦୨୪ ମାର୍ଚ୍ଚ ୨୯ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରାନ୍ତୀୟ ଯୁଗ ସୁଦେତା ଯୁବା ସମ୍ମେଳନ ପାଇଁ ଯୁବା ଚେତନା ଶିବିରରେ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ନଗରାଂଚଳର ଯୁବକମାନେ ଏଥିରେ ଯୋଗ ଦେଇଥିଲେ। ରାଜ୍ୟରୁ ଆସିଥିବା ଟୋଲିରେ ରଜତ କୁମାର ଷଡ଼ଙ୍ଗୀ ଓ ଅରୁଣ କୁମାର ନାୟକ ଯୁବାମାନଙ୍କୁ ସଂଗଠିତ କରିବା ଓ ଦିସା ଦର୍ଶନ ପାଇଁ ମାର୍ଗ ଦର୍ଶନ କରାଇଥିଲେ। ଏହାକୁ ପରିଚାଳନା ବିଚିତ୍ରା କୁମାର ସାହୁ। କାର୍ଯ୍ୟକ୍ରମର ସଫଳତା ଏବଂ ଶିବିର ସଫଳତା ତଥା ଧନ୍ୟବାଦ ଅର୍ପଣ କାଳୀପ୍ରସାଦ ମିଶ୍ର କରିଥିଲେ। ମୋକ୍ଷଦା ଶର୍ମା, ନିମାଇଁ ଚନ୍ଦ୍ର ତାଣ୍ଡି, ଭାଗ୍ୟବାନ ସାହୁ, ରାଜ କୁମାର କେବଟ, ନଳିନୀ ତ୍ରିପାଠୀ, ବୀଣାପାଣି ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବୈଠକ

ଜୟପୁର, ୦୪/୦୯ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବୈଠକ ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଜୟପୁର କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅମଲା ମାନେ ଏଥିରେ ଯୋଗଦାନ କରିଥିଲେ। ଓଡ଼ିଶାର ପୂର୍ବତନ ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ସମସ୍ତ ଉପସ୍ଥିତ ଅମଲା ୨ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରିଥିଲେ। ଶ୍ରୀ ପାତ୍ରଙ୍କ ବିୟୋଗରେ ଶଶୀଭୂଷଣ ଦାଶ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତ ଅମ

ସଂସ୍କୃତ ଭାଷା ହେଉଛି ଭାରତବର୍ଷର ଶାଶ୍ୱତ ପରିଚୟ

ଭୋଗରାଇ, ୦୪/୦୯ (ନି.ପ୍ର): ସଂସ୍କୃତ ଭାଷା ଦେବଭାଷା, ଆଦିଭାଷା ଓ ଶ୍ରେଷ୍ଠ ଭାଷା । ସଂସ୍କୃତ ଭାଷାର ଉଚ୍ଚାରଣରେ ମନ୍ତ୍ରମୁଗ୍ଧ ପରିବେଶ ସୃଷ୍ଟି ହୁଏ । ସମଗ୍ର ବିଶ୍ୱରେ ସଂସ୍କୃତ ଭାଷାର ବିପୁଳ ଆଦୃତି ବୃଦ୍ଧି ପାଇ ଚାଲିଛି । ଏହି ଭାଷା ଭାରତର ଆତ୍ମା ସଦୃଶ । ଏହା ଭାରତବର୍ଷର ଶାଶ୍ୱତ ପରିଚୟ ବହନ କରେ ବୋଲି ଭୋଗରାଇସ୍ଥିତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉଦଘାଟକ ଭାବେ ବିଶିଷ୍ଟ ଚିକିତ୍ସକ ତଥା ଭାରତଜ୍ୟୋତି ସମ୍ମାନପ୍ରାପ୍ତ ଡା. ଶ୍ରୀଶ କୁମାର ଦାଶ, ମୁଖ୍ୟ ଅତିଥି ଭାବେ ଭୋଗରାଇ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରାକ୍ତନ ସଂସ୍କୃତ ଶିକ୍ଷକ, ବେଦଜ୍ଞ ପଣ୍ଡିତ ସପନ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟକୃଷ୍ଣ ଦତ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜ୍ଞାନବାଦୀ ବିପଦ ଭଞ୍ଜନ ମିଶ୍ର, ବିଶିଷ୍ଟ କବି ତଥା ସଂଭାବନା ପ୍ରକାଶନୀ ମୁଖ୍ୟ ଡ. ଶ୍ରୀକୁମାର ଘୋଷ, ସମାଜସେବୀ ବିଜୟ କୁମାର ସିଂହ, ସୁଦାମ ଚରଣ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ସୁର, ଶମ୍ଭୁନାଥ ସାହୁ ପ୍ରମୁଖ ସଂସ୍କୃତ ଭାଷାର ଗାରିମା ଓ ପାରଦର୍ଶିତା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଛାତ୍ର କୃଷ୍ଣେନ୍ଦୁ ତ୍ରିପାଠୀ ଏବଂ ତପନ କର ବୈଦିକ ମଙ୍ଗଳାଚରଣ ପାଠ କରିବା ପରେ ବରିଷ୍ଠ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଏବଂ ଶେଷରେ ଅଧ୍ୟାପକ ସମୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତ ଭାଷାରେ ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରା ଯାଇଥିଲା । ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ସଂସ୍କୃତ ବକ୍ତୃତାରେ ସବିତା ବାରିକ, ରଶ୍ମି ପରାମାଣିକ, ସୁବ୍ରତ କୁମାର ମିଶ୍ର, ଶ୍ଳୋକା ବୃତ୍ତିରେ ଆନନ୍ଦ କୁମାର ଭଞ୍ଜ, ଅନୁସୂୟା ଦଳାଇ, କୃଷ୍ଣେନ୍ଦୁ ତ୍ରିପାଠୀ, ସଂସ୍କୃତ ସଂଗୀତରେ ଅନୁସୂୟା ଦଳାଇ, ଶୁଭସ୍ମିତା ଦତ୍ତ, ଗାୟତ୍ରୀ ମାଝି ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା । ଦିବସବ୍ୟାପୀ ସମଗ୍ର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

ଜାଗା ମିଶନ : ୬ ମାସରେ ୬ କିସ୍ତିରେ ଦେବାକୁ ପଡ଼ିବ ପ୍ରିମିୟମ

ଭୁବନେଶ୍ୱର, ୦୪/୦୯ (ନି.ପ୍ର): ଜାଗା ମିଶନକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ବିଏମସି କମିଶନର । ଜାଗା ମିଶନ ହିତାଧିକାରୀଙ୍କୁ ଦେବାକୁ ଥିବା ପ୍ରିମିୟମ୬ ମାସରେ ୬ କିସ୍ତିରେ ଦେବାକୁ ପଡ଼ିବ । ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଡିମାଣ୍ଡ ନୋଟିସର ୩ ଦିନ ମଧ୍ୟରେ ବିଏମସି ଅଫିସ ଆସିବେ । ହିତାଧିକାରୀଙ୍କୁ ୩୨୩ ବର୍ଗଫୁଟ ପାଇଁ ଦେୟ ପଡ଼ିବନି, ଅଧିକ ହେଲେ ପ୍ରିମିୟମ ଦେବାକୁ ପଡ଼ିବ । କେହି ଅଧିକ ପ୍ରିମିୟମର ଅଭିଯୋଗ ଆଣିଲେ ତଦନ୍ତ ହେବ । ଏହି ଅଭିଯୋଗକୁ ବିଏମସି ପକ୍ଷରୁ ସର୍ଭେ କରି ତଦନ୍ତ କରାଯିବ । ଅନ୍ୟପକ୍ଷରେ ଜାଗା ମିଶନରେ ପ୍ରିମିୟମକୁ ନେଇ ଚିନ୍ତାରେ ରହିଛନ୍ତି ହିତାଧିକାରୀ ।

ନଭେମ୍ବର ୦୧ରୁ ବାରିପଦାରେ ମୟୁରଭଞ୍ଜ ମହୋତ୍ସବ

ବାରିପଦା , ୦୪/୦୯ (ନି.ପ୍ର): ଚଳିତ ବର୍ଷ ମୟୁରଭଞ୍ଜ ମହୋତ୍ସବ ଆସନ୍ତା ନଭେମ୍ବର ୦୧ ରୁ ୧୧ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ଅନୁଷ୍ଠିତ ହେବ ଏବଂ ପ୍ରଥମ ଦିନ ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଏକ କାରନିଭାଲ ସୋ ଆୟୋଜିତ ହେବ ବୋଲି ଜଣାଯାଇଛି । ଏବର୍ଷ ଖିଚିଂ ର ମା କିଚକେଶ୍ୱରୀ ମନ୍ଦିର ସହିତ ଚନ୍ଦ୍ର ଶେଖର ମନ୍ଦିର ଏବଂ ବିଶ୍ୱପ୍ରସିଦ୍ଧ କେଶନା ଗାଁ ର ପଥର ଶିଳ୍ପୀଙ୍କ କାରୁକାର୍ଯ୍ୟ ମଞ୍ଚ ର ସଭାବୃଦ୍ଧି କରିବ । ଓଡ଼ିଆ ସିନେ ଜଗତର ସୁପାରଷ୍ଟାର ଉତ୍ତମ ମହାନ୍ତି, ଅସିତ ପତି, ପପୁ ପମପମ, ସ୍ୱରାଜ ବାରିକ, ସନମିରା, ଅନିମେଶ ଘୋଷ, ଗାୟକ ଅସୀମା ପଣ୍ଡା, ଇରା ମହାନ୍ତି, ଅନନ୍ୟା ଶ୍ରିତମ ନନ୍ଦ, ସତ୍ୟଜିତ ପ୍ରଧାନ, ବଲିଉଡ ଗାୟିକା ସାଧନା ସରଗମ, ଇଣ୍ଡିଆନ ଆଇଡଲ ଫେମ ଅଙ୍କିତା ପାତ୍ର, ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳୀ କଳାକାରଙ୍କ ସମେତ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକାର ମଙ୍ଗଳ ହାଁସଦା, କଳ୍ପନା ହାଁସଦା, ମଧୁସ୍ମିତା ସୋରେନ ମୂର୍ମୁ, ମଲ୍ଲୀ ହେମ୍ବ୍ରମ୍, ରାମ ମାରାଣ୍ଡି, ଲକ୍ଷ୍ମଣ ସୋରେନ ପ୍ରମୁଖଙ୍କ ସହିତ ଜିଲ୍ଲାର ଝୁମର କଳାକାରଙ୍କ ସମେତ ପ୍ରତିଷ୍ଠିତ ଗାୟିକା ଉର୍ମିଳା ମହାନ୍ତ, ଗୌତମ ଓ ପମି ପ୍ରମୁଖ କଳାକାର ଯୋଗଦେଇ ନିଜନିଜର କଳା ପ୍ରଦର୍ଶନ କରିବେ । ଚଳିତ ବର୍ଷ ଏହି ମହୋତ୍ସବରେ ହସ୍ତଶିଳ୍ପ, କୃଟୀର ଶିଳ୍ପ, ଖେଳନା, ପୋଷାକ ସାମଗ୍ରୀ ସହ ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ ସହ ଅନ୍ୟାନ୍ୟ ସମ୍ପ୍ରଦାୟ ପାରମ୍ପରିକ ଖାଦ୍ୟର ବିକ୍ରୟ ପାଇଁ ୧୫୦ ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲା ଯିବ ବୋଲି ଆୟୋଜକ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ମୟୂରଭଞ୍ଜ ମହୋତ୍ସବ କମିଟି ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ୍ୟ ଅସିତ ପତି, କାର୍ଯ୍ୟକାରୀ ସଭାପତି ସଂଜୀବ ଦିବେଦୀ, ଉପସଭାପତି ବିପ୍ଳବ ବାରିକ, ଚନ୍ଦ୍ର କୁମାର ଶ୍ୟାମାଲେନ୍ଦୁ ଦାସ, ସୁଜିତ ମହାନ୍ତି, ସଂଜୟ ଚୌଧୁରୀ, ପ୍ରସନ କୁମାର ମହାପାତ୍ର, ଉମେଶ ପଟ୍ଟନାୟକ, ଉପଦେଷ୍ଟା ଗିରୀଶ ଚନ୍ଦ୍ର ଦାସ, ବିଶ୍ୱଜିତ ନାୟକ, ସଂଗଠନ ସମ୍ପାଦକ ବିପ୍ଳବ ବୁଗୁଡେଇ, ଯୋଗେଶ୍ୱର ବେହେରା, ରାକେଶ ସିଂ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ ।

ଭଦ୍ରକ ସାହିତ୍ୟ ପରିଷଦର ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୦୪/୦୯ (ନି.ପ୍ର): ସ୍ୱାସ୍ଥ୍ୟ ଚିକିତ୍ସକ, ବରିଷ୍ଠ ସାହିତ୍ୟିକ, ଭଦ୍ରକ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି,ଭଦ୍ରକ ଚିନ୍ତନ ଚକ୍ରର ପ୍ରାଣ ପ୍ରତିଷ୍ଠାତା,ଓ ଶ୍ରେଷ୍ଠ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ ପ୍ରତିଭା ଡାକ୍ତର ସୁରେନ୍ଦ୍ର ମିଶ୍ର ଗତ ତା ୩୦.୦୮.୨୦୨୩ ରିଖ ବୁଧୁବାର ରାକ୍ଷୀ ପୂର୍ଣ୍ଣିମା ଦିନ ଇହଲୀଳା ସମ୍ବରଣ କରିଛନ୍ତି ।ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଦ୍ରକ ସାହିତ୍ୟ ପରିଷଦ,ଭଦ୍ରକ ତରଫରୁ ଏକ ଶୋକସଭା ପରିଷଦର ସ୍ଥାୟୀଗୃହ କୁଆଁସଠାରେ ତା ୦୩.୦୯.୨୦୨୩ ରିଖ ଦିବା ୫ଘଟିକାରେ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଡାକ୍ତର ସ୍ୱର୍ଗତ ସୁରେନ୍ଦ୍ର ମିଶ୍ର,ପଦ୍ମଶ୍ରୀ ସ୍ୱର୍ଗତ ଜୟନ୍ତ ମହାପାତ୍ର,ସମାଜସେବୀ ସ୍ୱର୍ଗତ ପଦ୍ମନାଭ ପାଢ଼ୀ,ଶିକ୍ଷାବିତ ସ୍ୱର୍ଗତ ଗୁରୁପଦ ସାହୁଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଡାକ୍ତର ସୁରେନ୍ଦ୍ର ମିଶ୍ର ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ ବୋଲି ଡ. ଗୋଲକ ବିହାରୀ ସାହୁ,ଭାନୁମତୀ ମାଠିଆ,କବି ଶାନ୍ତନୁ ର । ଉ ତ , ଲ ଲ । ଟେ ଟ ନ୍ଦୁ ମହାନ୍ତି,ରତିକାନ୍ତ ବେହେରା, ହରିଶ ଚନ୍ଦ୍ର ଦାସ,ପ୍ରଭାତ କୁମାର ଜେନା, ରମେଶ ଚନ୍ଦ୍ର ଦାସ, ଗୋରାଙ୍ଗ ଚନ୍ଦ୍ର ବାରିକ୍,ଦିପ୍ତିମୟୀ ସାହୁ,ବିପ୍ଳବ କୁମାର ହୋତା,ଶରତ କୁମାର ନାୟକ,ଗୌତମ ମହାରଣା ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ । ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଅବଦାନ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଦଧିଚି ସମ୍ମାନ ପ୍ରାପ୍ତ ପଦ୍ମନାଭ ପାଢ଼ୀଙ୍କର ଅସୀମ ଦାନ ସଂପର୍କରେ ଅନେକ ବକ୍ତା ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଭଗବାନ ପରଲୋକଗତ ଆତ୍ମାଙ୍କ ପରିବାରକୁ ଜଗନ୍ନାଥ ଶକ୍ତି ଦିଅନ୍ତୁ ବୋଲି କାମନା କରାଯାଇଥିଲା । ପରିଷଦର ସଂପାଦକ ବିଜୟ ବହଳୀଙ୍କ ସଂଚାଳନରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।

AFFIDAVIT

An affidavit before the executive Magistrate Balasore, I, Sanjay Behera, aged 50 year, S/o Kubera Behera, residing At- Tigidia, Po/P.S.- Puruna Balasore, Dist- Balasore Declare that my Original name is Sanjay Behera S/o Kubera Behera, residing At- Tigidia, Po/P.S.- Puruna Balasore, Dist- Balasore which has been Mentioned in all my Identity and Residental Proof like Aadhar Card, Bank Pass Book, Pan Card and Other relevent Document. But My nick name sujay Kumar Behera S/o Kubera Behera, residing At- Tigidia, Po/P.S.- Puruna Balasore, Dist- Balasore Which had been wrongly mentioned in my LIC policy Bond No- 583416617. So Sanjay Behera and Sujay Kumar Behera is one and same person. Henceforth I will be known as Sanjay Behera in all purpose.

Sanjay Behera

ବିମୁଗ୍ଧ ଆତ୍ମୀୟତାର ବର୍ଣ୍ଣିଳ ଝଲକ ଥିଲେ ପ୍ରଫେସର ଜୟନ୍ତ କୁମାର ଦାସ

ଜଳେଶ୍ୱର , ୦୪/୦୯ (ନି.ପ୍ର): ଦିବଂଗତ ପ୍ରଫେସର ଜୟନ୍ତ କୁମାର ଦାସ ଥିଲେ ଶିକ୍ଷା , ସେବା ଓ ଅଧ୍ୟାତ୍ମବାଦର ତ୍ରିବେଣୀ ସଙ୍ଗମ । ଅର୍ଥନୀତିର ଅଧ୍ୟାପକ ହୋଇ ପିଲାଙ୍କୁ ଅର୍ଥଶାସ୍ତ୍ରର ପାଠ ପଢାଉଥିଲେ ମାତ୍ର ଦର୍ଶନଶାସ୍ତ୍ରର କଥା କହୁଥିଲେ ସମସ୍ତଙ୍କୁ । ପୁଣି ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଦେବ ଓ ସାଇବାବାଙ୍କ ଅଧ୍ୟାତ୍ମଦର୍ଶନରେ ନିଜକୁ ବିଭୋର କରି ରଖିଥିଲେ । ସମାଜରେ ଶୃଙ୍ଖଳା ଓ ପରିବାରରେ ସଂସ୍କାର ପ୍ରତିଷ୍ଠା ଦିଗରେ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗୀକୃତ ଥିଲା । ଅମଳିନ ହସ, ଅମାୟିକ ବ୍ୟବହାର, ଶାଣିତ ଓ ମାର୍ଜିତ ଶବ୍ଦରେ ସମ୍ବୋଧନ ଏବଂ ଆତ୍ମୀୟଙ୍କ ପ୍ରତି ନାନାବିଧ ଅଫୁରନ୍ତ ଭାବାବେଗ ନେଇ ବଂଚୁଥିଲେ ସେ । ସେ ଥିଲେ ବିମୁଗ୍ଧ ଆତ୍ମୀୟତାର ବର୍ଣ୍ଣିଳ ଝଲକ ବୋଲି ତାଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଆୟୋଜିତ ନିରାଡମ୍ବର ସ୍ମୃତିଚାରଣ ସଭାରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଦିବଂଗତ ଦାସଙ୍କର ସମୁଦୀ ବିଶିଷ୍ଟ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାକୁ ପ୍ରଥମେ ବିଶିଷ୍ଟ କବି ତଥା ସଂଭାବନା ପ୍ରକାଶନୀର ମୁଖ୍ୟ ଡ. ଶ୍ରୀକୁମାର ଘୋଷ ଉଦ୍ଦେଶ୍ୟ ଜ୍ଞାପନ ସହିତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ଏଥିରେ ପୂର୍ବତନ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ପ୍ରାକ୍ତନ ଅଧ୍ୟକ୍ଷ , ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସୁନାମଧନ୍ୟ କବି ସୁକୁମାର ଦାସ, ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଡ. ରମାକାନ୍ତ ଭଞ୍ଜ, ପ୍ରାଧ୍ୟାପକ ଜିତାରାମ ଦେ, ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ, ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ବାଲେଶ୍ୱର ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପ୍ରାକ୍ତନ ଅଧ୍ୟକ୍ଷ ସୁଧୀର କୁମାର କର, ଶରତ ଚନ୍ଦ୍ର ପରିଡା, ପ୍ରାଧ୍ୟାପିକା କବି ଇନ୍ଦୁମତୀ ଗିରି, ସମାଜସେବୀ ଆଶିଷ କୁମାର ଦାସ, ଶିକ୍ଷାବିତ୍ ଗୋପବନ୍ଧୁ ମହାପାତ୍ର, ବିମଳ କିଶୋର ଦାସ, କବି ବସନ୍ତ ଦାସ, ନିକୁଞ୍ଜ ଘୋଷ, ଜଳଧର ଭଞ୍ଜ, ରଞ୍ଜନ କୁମାର ଘୋଷ, ମଧୁଛନ୍ଦା ମହାନ୍ତି, ମନୋରଂଜନ ଦାସ, ଅଧ୍ୟାପକ ଅନନ୍ତ ଦାସ, ଜ୍ଞାନବିକାଶ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଲେଲିନ ପ୍ରଧାନ, ସାମ୍ବାଦିକ ଅବନୀ ଚାନ୍ଦ, ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ବହୁବ୍ୟକ୍ତି ଦିବଂଗତ ଜୟନ୍ତ ଦାସଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସମବେତ ଅତିଥିମାନେ ଦିବଂଗତ ଜୟନ୍ତ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ସ୍ୱର୍ଗତ ଦାସ ଏବଂ ନିକଟରେ ଇହଧାମ ତ୍ୟାଗ କରିଥିବା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଜୟନ୍ତ କୁମାର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସହଧର୍ମିଣୀ କବି ଅନିନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ପରିଚୟ ଖୋଜୁଛି ୨୮ ....

ବଳକା ୮୧ଟି ମୃତଦେହ ଲାଗି ୧୧୦ ଜଣ ଦାବିଦାର ବାହାରିବା ପରେ ସେଗୁଡ଼ିକ ଚିହ୍ନଟ ପାଇଁ ଡିଏନଏ ମ୍ୟାଚିଂର ସହାୟତା ନିଆଯାଇଥିଲା । ଡିଏନ୍‌ଏ ମ୍ୟାଚ କରିବା ପରେ ୫୩ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଡିଏନ୍‌ଏ ମ୍ୟାଚିଂ ପ୍ରକ୍ରିୟା ମଧ୍ୟ ସରିଯାଇଛି । ବଳକା ୨୮ ମୃତଦେହକୁ କଣ୍ଟେନରରେ ସୁରକ୍ଷିତ ରଖାଯାଇଛି । ହେଲେ ଗତ ୧୦ ଦିନ ଭିତରେ ଡେଡ୍‌ବଡି ପାଇଁ ଆଉ କେହି ନୂଆ ଦାବିଦାର ଆସିନାହାନ୍ତି ବୋଲି କହିଛନ୍ତି ଏମ୍‌ସ ଅଧୀକ୍ଷକ ପ୍ରଫେସର ଦିଲୀପ ପରିଡ଼ା । ଦକ୍ଷିଣ ପୂର୍ବ ରେଳପଥ କର୍ତ୍ତୃପକ୍ଷଙ୍କ କହିବା କଥା, ଏତେ ସଂଖ୍ୟକ ମୃତଦେହ ଚିହ୍ନଟ ନ ହେବା, ରେଳ ଇତିହାସରେ କେବେ ଦେଖିବାକୁ ମିଳିନଥିଲା । ଆଜି ଯାଏଁ ଯେତେ ଦୁର୍ଘଟଣା ଘଟିଛି, ମୃତଦେହକୁ ଚିହ୍ନଟ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଡିଏନଏ ମ୍ୟାଚିଂ ପରେ ମଧ୍ୟ ମୃତଦେହ ଚିହ୍ନଟ ହୋଇ ନ ପାରିବା ସ୍ଥିତି କେବେ ଆସିନଥିଲା । ଏମିତିକି ବାହାନଗା ଟ୍ରେନ ଦୁର୍ଘଟଣା ପରେ ଡେଡ୍‌ବଡି ହସ୍ତାନ୍ତର ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ମଧ୍ୟ ରହିଛି । ସିବିଆଇ ମାମଲାର ତଦନ୍ତ କରୁଛି । ତେଣୁ ବଳକା ମୃତଦେହ ଗୁଡ଼ିକୁ କ'ଣ କରାଯିବ, ସେନେଇ ରେଲୱେ ବୋର୍ଡ ରାଜ୍ୟ ସରକାରଙ୍କ ସହ ବିଚାର କରି ନିଷ୍ପତ୍ତି ନେବ ବୋଲି କହିଛନ୍ତି ଦକ୍ଷିଣ-ପୂର୍ବ ରେଳପଥର ସିପିଆରଓ ଆଦିତ୍ୟ ଚୌଧୁରୀ । ଜୁନ୍ ୨ ତାରିଖରେ ସେ କାଳ ରାତି ମନେ ପଡ଼ିଲେ ଏବେ ମଧ୍ୟ ଲୋମ ଟାଙ୍କୁରି ଉଠୁଛି । ଦୁର୍ଘଟଣାର କେଇ ଘଣ୍ଟା ମଧ୍ୟରେ ବାହାନଗା ସ୍କୁଲ ପରିସରରେ ଗଦା ହୋଇଯାଇଥିଲା ଶହ ଶହ ଶବ ।

ଜଟଣୀ ଜମି ...

ସତ୍ୟବ୍ରତ ସାହୁ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିବା ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ସମୟବଦ୍ଧ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସେପ୍ଟେମ୍ବର ମଧ୍ୟଭାଗରେ ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତିର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଜଟଣୀ ତହସିଲ ଅଂଚଳର ୨୧ରୁ ଅଧିକ ଗାଁ ଲୋକଙ୍କ ଜମି ରେକର୍ଡରେ ମାଲିକାନା ସତ୍ତ୍ୱ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ନାଁରେ ରହିଥିବାକୁ ନେଇ ସ୍ଥାନୀୟ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ସେମାନଙ୍କୁ ସମସ୍ତ ପ୍ରକାରର ସରକାରୀ ସୁବିଧାରୁ ବଂଚିତ ହେବାକୁ ପଡ଼ିଛି । ରାଜ୍ୟ ସରକାରଙ୍କ ପାଖରେ ଏନେଇ ବାରମ୍ବାର ଦାବି ପରେ ରାଜ୍ୟ କ୍ୟାବିନେଟରେ ୨୦୨୨ ଜାନୁୟାରୀ ମାସରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଜମିଗୁଡ଼ିକର ମାଲିକାନା ସତ୍ତ୍ୱ ସେହି ଗାଁ ଲୋକମାନଙ୍କ ନିକଟକୁ ଫେରାଇବା ପାଇଁ ପ୍ରକ୍ରିୟାକୁ ସରଳ କରାଯାଇଥିଲା । କିନ୍ତୁ ତାହା ବାସ୍ତବପକ୍ଷେ କାର୍ଯ୍ୟକାରୀ ହୋଇପାରିନଥିଲା । ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ଉକ୍ତ ଜମିଗୁଡ଼ିକର ମାଲିକାନା ସତ୍ତ୍ୱକୁ ନେଇ ବିବାଦ ଲାଗି ରହିଛି । ଏବେ ଫାଇଭ-ଟି ସଚିବଙ୍କ ହସ୍ତକ୍ଷେପ ପରେ ସେସବୁ ଜମିର ଆଇନଗତ ବିବାଦର ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି ।

ସୁବର୍ଣ୍ଣପୁରର

ମଙ୍ଗଳବାର, ସେପ୍ଟେମ୍ବର ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଭଦ୍ରକ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୦୪/୦୯ (ନି.ପ୍ର): ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଅନେକ ଉଦ୍ୟମ ଓ ଅନେକ ଅପେକ୍ଷା ପରେ ମଧ୍ୟ ଏଯାବତ୍ ଏହି ବାବଦରେ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଘୋଷଣା ନକରିବାରୁ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି ବିଦ୍ୟାର୍ଥୀ ବିକାଶ ମଞ୍ଚର ଉପଦେଷ୍ଟା ଓ କର୍ମକର୍ତ୍ତାଗଣ। ଉକ୍ତ ଅନୁଷ୍ଠାନର ମାର୍ଗଦର୍ଶକ ପ୍ରଫେସର ଡଃ ଶୈଳେନ୍ଦ୍ର ମହାପାତ୍ର ଓ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡଃ ଦେବେନ୍ଦ୍ର ନାଥ ରାଉତଙ୍କ ମିଳିତ ନିର୍ଦ୍ଦେଶ କ୍ରମେ ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ପ୍ରଥମେ ମାନନୀୟ ମୁଖ୍ୟମନ୍ତ୍ରୀ ଓଡ଼ିଶା ଓ ଭଦ୍ରକ ଜିଲ୍ଲାର ସମସ୍ତ ବିଧାୟକଙ୍କ ଉଦ୍ଦେଶ୍ୟରେ ଭଦ୍ରକରେ ସଚେତନ ନାଗରିକଗଣ ଓ ଛାତ୍ରଛାତ୍ରୀ ମାନଙ୍କର ବ୍ୟାପକ ଦସ୍ତଖତ ଅଭିଯାନ କରାଯାଇଥିଲା। ପରେ ପରେ ଗତକାଲି ଭଦ୍ରକ ଜିଲ୍ଲାର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କର ସଂଗଠନ ମାନଙ୍କୁ ଡକାଯାଇ ଶ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଭଦ୍ରକ କଲେଜ ମୁଖ୍ୟ ଫାଟକ ନିକଟରେ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ପ୍ରଥମେ ଭଦ୍ରକ କଲେଜର ଖୋଲା ଗ୍ୟାଲେରୀ ଓ ମଞ୍ଚ ଉପରେ ଛାତ୍ରଛାତ୍ରୀମାନେ ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଏକ ବିଶେଷ ଆଲୋଚନାଚକ୍ର କରିବା ପରେ ଭଦ୍ରକ କଲେଜ ମୁଖ୍ୟ ଫାଟକ ଆଗରେ ମିଳିତ ଭାବରେ ମାନନୀୟ ମୁଖ୍ୟମନ୍ତ୍ରୀ ଓ ଚଳିତ ବିଧାନସଭା ଅଧିବେଶନରେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ ପାଇଁ ଜିଲ୍ଲାର ୫ ବିଧାୟକ, 'ୟଟି' ସଚିବ, ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ସୋସିଆଲ ମିଡ଼ିଆ ଜରିଆରେ କିଛି ଅନୁରୋଧ ଜଣାଇଛନ୍ତି। ଅନୁରୋଧ ଅନୁସାରେ ଚଳିତ ବର୍ଷ ଜୁନ ୧୧ରେ ଭଦ୍ରକର ଏକ ନିର୍ଦ୍ଦିଷ୍ଟ ସଭାରେ ମୁଖ୍ୟମନ୍ତ୍ରୀଙ୍କ ମୁଖପାତ୍ର ଭାବରେ 'ୟଟି' ସଚିବଙ୍କ ପ୍ରତିଶ୍ରୁତି ଅନୁସାରେ ଭଦ୍ରକରେ ବିଶ୍ୱବିଦ୍ୟାଳୟ ଓ ମେଡ଼ିକାଲ କଲେଜ ତୁରନ୍ତ ଘୋଷଣା ଓ ବିଜ୍ଞପ୍ତି ପ୍ରକାଶ ହେଉ, ନଚେତ ବାଧ୍ୟ ହୋଇ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ଓ ଜନଆନ୍ଦୋଳନ ଜାଗିବ ବୋଲି ଶ୍ରୀ ବିଶ୍ୱାଳ ଓ ଛାତ୍ରଛାତ୍ରୀଗଣ ମିଳିତ ଭାବେ ଗଣମାଧ୍ୟମକୁ ଜଣାଇଛନ୍ତି।

ଜିଲ୍ଲା ସଦର ମହକୁମାରେ ମାସର ପ୍ରଥମ ମିଳିତ ଜନଶୁଣାଣି ଶିବିର: ୧୪୪ ଅଭିଯୋଗ ଆଗତ

ଭଦ୍ରକ, ୦୪/୦୯ (ନି.ପ୍ର): ପ୍ରତି ମାସ ପରି ଚଳିତ ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୪୪ ଜଣଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୧୩୯ ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଓ ୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିବାହ ପ୍ରୋତ୍ସାହନ ରାଶି ୨ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପାହାଡ଼ପୁର, ଆନନ୍ଦପୁର, ଧାମନଗରର ଚଞ୍ଚଳତା ସେଠୀଙ୍କ ୫୦% ସ୍ଥାୟୀ ଦିବ୍ୟାଙ୍ଗ ସ୍ୱାମୀ ଦେବଦୁଲାଲ ସେଠୀଙ୍କୁ ଏହି ଶିବିରରେ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ, ରାସନକାର୍ଡ଼, ବିଭିନ୍ନ ଭତ୍ତା, ଆର୍ଥିକ ସହାୟତା ପ୍ରଦାନ ସମ୍ବନ୍ଧୀୟ ଅଧିକ ଅଭିଯୋଗ ଥିଲା। ଏ ସବୁ ଅଭିଯୋଗ ସହ ଅନ୍ୟ ବିଭାଗ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଡେପୁଟୀ କଲେକ୍ଟର ରାଜୀବ ହାଁସଦା ଅଭିଯୋଗ ଉପସ୍ଥାପନା ଓ ସାଧାରଣ ବିବିଧ ବିଭାଗର ଅଭିନେତ୍ରୀ ମହାନ୍ତି ଓ ଲିପ୍‌ସା ରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ।

ଡା ବିଷ୍ଣୁପଦ ମହାପାତ୍ରଙ୍କ ସ୍ମୃତିଚାରଣ ସଭା

ଖଇରା,୪/୯ (ନିପ୍ର): ଇଂଲଣ୍ଡ ଫେରନ୍ତା ସୁନାମଧନ୍ୟ ଚିକିତ୍ସକ ସ୍ୱର୍ଗତ ବିଷ୍ଣୁପଦ ମହାପାତ୍ରଙ୍କ ୩୩ତମ ଶ୍ରଦ୍ଧାଞ୍ଜଳୀ ସଭା ତାଙ୍କ ଜନ୍ମିତ ଗ୍ରାମ ଅର୍ଜୁନପୁର ଠାରେ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ସ୍ମୃତିକମିଟିର ସଭାପତି ଜଗତାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜିବୀ ଭରତଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ବାରିକ, ହରେକୃଷ୍ଣ କୁଅଁର, ଭଗବାନ ଦାସ, ବସନ୍ତ ମାଝୀ, କବିତା ମହାପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ଦିବଂଗତ ଡାକ୍ତରଙ୍କ ନିସ୍ୱାର୍ଥପର ସେବା ଉପରେ ଆଲୋକପାତ କରିଥିଲେ।

ବାଲିଆପାଳରେ ଉତ୍କଳ ସାମ୍ବାଦିକ ସଂଘ ଓ ସୁବର୍ଣ୍ଣରେଖା ପ୍ରେସ କ୍ଲବର ମିଳିତ ବୈଠକ

ଲଙ୍ଗଳେଶ୍ୱର , ୦୪/୦୯ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘ ଓ ସ୍ଥାନୀୟ ସୁବର୍ଣ୍ଣରେଖା ପ୍ରେସ କ୍ଲବ ପକ୍ଷରୁ ରବିବାର ବ୍ଲକ ଛକ ଏ ସ କେ ଜି ଟ୍ରଷ୍ଟ ପରିସରରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ବାଦିକଙ୍କ ଏକତା, ବନ୍ଧୁତା, ସୁରକ୍ଷା, ବିଭିନ୍ନ ସମସ୍ୟା, ସାମାଜିକ ପ୍ରତି ବଦ୍ଧତା ଆଦି ଉପରେ ଆଲୋଚନା ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘର ନୂଆ ସଦସ୍ୟତା ଗ୍ରହଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସୁବର୍ଣ୍ଣରେଖା ପ୍ରେସ କ୍ଲବ ଉପଦେଷ୍ଟା ଅଧ୍ୟାପକ ଡ଼ଃ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଂଘ ସଭାପତି ଲୋକନାଥ ଦଳେଇ, ଉପଦେଷ୍ଟା ସୁଧାଂଶୁ ଶେଖର ବାରିକ, ସମ୍ପାଦକ ସଞ୍ଜୟ କୁମାର ସାମନ୍ତ, ଅଫିସ ସମ୍ପାଦକ ସୁଦୀପ୍ତ ମହାନ୍ତି, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନିରଂଜନ ପ୍ରସାଦ ବାରିକ, ସତ୍ୟ ବ୍ରତ ପ୍ରଧାନ, ମନୋଜ କୁମାର ଭୂୟାଁ, ସୁବର୍ଣ୍ଣରେଖା ପ୍ରେସ କ୍ଲବର ସଭାପତି ମନୋରଞ୍ଜନ ପାଣିଗ୍ରାହୀ ,ସନ୍ୟାସୀ ବେହେରା, ଅଶୋକ କୁମାର ଜେନା, ପ୍ରଭାତ କୁମାର ଦାସ, ସମ୍ବାଦିକା ପ୍ରତିମା ଜେନା , ଆ ର କେ ଜେନା, ଲକ୍ଷ୍ମୀ ଧର ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଏହି ଅବସରରେ ସଂଘର ବ୍ଲକ ସଂଯୋଜିକ, ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଓ ସନ୍ୟାସୀ ବେହେରାଙ୍କୁ ସଂଘର ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି। ପି ଆ ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ହୋଣ୍ଡାର ନୂଆ କାର 'ଏଲିଭେଟ' ଲୋକାର୍ପିତ

ନୀଳଗିରି , ୦୪/୦୯ (ନି.ପ୍ର): ଶେରଗଡ ସ୍ଥିତ ହାଇୱେ ହୋଣ୍ଡା ପକ୍ଷରୁ ନୂତନ କାର 'ଏଲିଭେଟ' ସୋମବାର ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଯଶୋବନ୍ତ ଦାସ ଯୋଗ ଦେଇ ଲୋକାର୍ପଣ କରିଥିଲେ। ହୋଣ୍ଡାର ଶାଖା ପରିଚାଳକ (ସେଲ୍ସ) ସରୋଜ ଗୋଛାୟତ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟବ୍ୟାଙ୍କ ଡେପୁଟି ମ୍ୟାନେଜର ଅଶୋକ ଦାସ, ପୁଟଫରୋଡ ମୁଖ୍ୟ ପରିଚାଳକ ଚିନ୍ମୟୀ କର, ବଣପରିଆ ଶାଖା ପରିଚାଳକ ରାଜେଶ ବେହେରା, ଫକୀର ମୋହନ ଶାଖା ପରିଚାଳକ ଡି. ଏମ ମଣ୍ଡଳ ସମେତ ଏଣ୍ଡସଇଣ୍ଡ, ମହିନ୍ଦ୍ରକ୍ଷ, ଚୋଲା ପ୍ରଭୃତି ଫାଇନାନ୍ସ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର ବଜାରକୁ ହାଇ ସେନ୍ସିଂ ଫିଚର୍ ନେଇ ବାହାରିଛି ଏବଂ ଦୁଇଟି ନୂଆ ରଙ୍ଗ ସହ ହୋଣ୍ଡାର ମୂଳ ରଙ୍ଗରେ କାର ବିକ୍ରି ହେବ ବୋଲି ସୂଚନା ଦିଆଯାଇଛି।

ସିଟି ମିଶନ ମେନେଜମେଣ୍ଟ ୟୁନିଟ ମୁଖ୍ୟଙ୍କୁ ମାଡ଼ ଘଟଣା: ଥାନାରେ ପୃଥକ ପୃଥକ ମାମଲା

ନୀଳଗିରି, ୦୪/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସିରେ କାର୍ଯ୍ୟରତ ସିଟି ମିଶନ ମେନେଜମେଣ୍ଟ(ସି. ଏମ. ଏମ) ୟୁନିଟର ମୁଖ୍ୟ ଶିବାଜୀ ଦେଙ୍କୁ ଅଧକ୍ଷା ଅମ୍ବିକା ଦାସଙ୍କ ସ୍ୱାମୀ ମାଡ଼ ମାରିବା ନେଇ ନୀଳଗିରି ଥାନାରେ ଅଭିଯୋଗ ପରେ ଅଧକ୍ଷା ଙ୍କ ତରଫରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ରାଜ୍ୟ ସରକାର ସହରାଞ୍ଚଳରେ ଜାଗା ମିଶନ ଜରିଆରେ ଭୂମିହୀନ ପରିବାରକୁ ପଟ୍ଟା ବଣ୍ଟନ କରାଯାଉଛି। ନୀଳଗିରି ଏନଏସି ଅଧିନରେ ବସବାସ କରୁଥିବା ଭୂମିହୀନ ମାନଙ୍କୁ ମଧ୍ୟ ପଟ୍ଟା ଯୋଗାଇ ଦିଆଯାଉଥିବା ବେଳେ କିଛି ହିତାଧିକାରୀ ଙ୍କୁ ଦିଆଯାଇଥିବା ପଟ୍ଟାରେ ପାତର ଅନ୍ତର ହୋଇଥିବା ନେଇ ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ସୋମବାର ଜାଗା ମିଶନ ୟୁନିଟର ମୁଖ୍ୟ ଶିବାଜୀ ଦେଙ୍କୁ ଡକାଇ ଘଟଣାର ସତ୍ୟାସତ୍ୟ ଉପରେ ପ୍ରଶ୍ନ କରିଥିଲେ। ତେବେ ଘଟଣାରେ ଚେୟାରମ୍ୟାନ ଅମ୍ବିକା ଦାସ ଚେୟରକୁ ଡାକିବା ପରେ ତାଙ୍କ ସ୍ୱାମୀ ଶରତ ଦାସ ମାଡ଼ ମାରିଥିବାନେଇ ସିଟି ମିଶନ ମୁଖ୍ୟ ଶ୍ରୀ ଦେ ଅଭିଯୋଗ କରିଛନ୍ତି। ଚେୟାରମ୍ୟାନ ଙ୍କ କହିବା ଅନୁସାରେ ୮ନମ୍ବର ଚିମିଟିଭାଟି ଗ୍ରାମର ସୀତାରଣୀ ମହାଳିକ ଦଖଲ କରିଥିବା ପୁରୁଣା ଜାଗା ନପାଇ ନୂଆ ଜାଗା ପାଇବା ସହ ଏହି ଯୋଜନାରେ ଅନ୍ୟ ହିତାଧିକାରୀ ମାନେ ଅଭିଯୋଗ କଥା କହିଥିଲେ। ଶିବାଜୀ ମଧ୍ୟ ଘଟଣା ବିଷୟରେ ବୁଝାଇ ଥିଲେ।ହେଲେ କଣ ହେଲା କେଜାଣି ତାଙ୍କୁ କୁଆଡେ ଚେୟାରମ୍ୟାନ ଙ୍କ ସ୍ୱାମୀ ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିବା ଓ ସଠିକ କାମ କରୁନାହିଁ ବୋଲି ଆମକୁ କଥା ଶୁଣିବାକୁ କହି ମାଡ଼ ମାରିଥିବା ଅଭିଯୋଗ ହୋଇଛି।ଘଟଣାକୁ ନେଇ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମିଳିତ ଭାବେ ଜିଲ୍ଲାପାଳ ଙ୍କୁ ଅବଗତ କରିବା ସହ ଥାନାରେ ଶରତ ଦାସଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।ସେପଟେ ଚେୟାରମ୍ୟାନ ଙ୍କ ସହ ବିଜେଡିର କାଉନସିଲର ମାନେ ଏକାଠି ହୋଇଛନ୍ତି। ଏପରିକି ଚେୟାରମ୍ୟାନଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଦୁର୍ବ୍ୟବହାର ନେଇ ନୀଳଗିରି ଥାନାରେ ପାଲଟା ଅଭିଯୋଗ କରିଛନ୍ତି ଅଧକ୍ଷା ଅମ୍ବିକା ଦାସ। ଏନେଇ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀ ସାମ୍ନାସାମ୍ନି ହୋଇଥିବା ବେଳେ ଘଟଣାକୁ ପୋଲିସ ଗୁରୁତର ସହ ନେଇଛି। ଦୁଇଟି ଅଭିଯୋଗ ପାଇ ପ୍ରାଥମିକ ତଦନ୍ତ କରିଥିବା ବେଳେ ଘଟଣାକୁ ନେଇ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଆଜିର ଘଟଣା କୁ ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି।

କେନାଲ ସଫେଇ ଓ ମରାମତି ପାଇଁ ବେଠି ଖଟୁଛନ୍ତି କୃଷକ

ଉଦଳା , ୦୪/୦୯ (ନି.ପ୍ର): ଚାଷ ଜମିକୁ ପାଣି ନେବା ପାଇଁ ଉଦଳା ବ୍ଲକର ନୂଆଗାଁ, ଶ୍ରୀଦାମଚନ୍ଦ୍ରପୁର ଓ କୁଣ୍ଡାବାଇ ପଂଚାୟତର ଗୋବିନ୍ଦପୁର, ନ ୟ । ର ଙ୍ଗ । ମ । ଟି ଅ । , ଖଡ଼ିକାଶୋଳ, ଘୁଂଟିବଣୀ, ରାଜାବସା ଓ ମୁସାଖାଇ ଗ୍ରାମର ଶତାଧିକ କୃଷକଙ୍କୁ କେନାଲ ସଫେଇ ଓ ମରାମତି ପାଇଁ ବେଠି ଖଟିବାକୁ ପଡୁଥିବାର ଅଭିଯୋଗ ହୋଇଛି। ଏହିପରି ଆଜକୁ ୨୫ ବର୍ଷ ଧରି କୃଷକ ମାନେ ବିନା ପାରିଶ୍ରମିକରେ କାମ କରୁଛନ୍ତି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। କେନାଲ ଦାୟିତ୍ୱରେ ଥିବା ସରକାରୀ ବାବୁ ମାନେ କେନାଲର ମରାମତି ଓ ଚାଷୀ ମାନେ କିପରି ପାଣି ପାଇପାରିବେ ସେ ବିଷୟରେ ଆଦୌ ବୁଝା ବୁଝି କରୁ ନାହାଁନ୍ତି ବୋଲି କୃଷକ ମାନେ ଅ ଭି ଯୋ ଗ କରିଛନ୍ତି। କୃଷକ ମାନଙ୍କୁ ଏ ବ । ବ ଦ ରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଥିବା ମଜୁରି ପ୍ରଦାନ କରାଯାଉ ବୋଲି ସ୍ୱେଚ୍ଛା ସେବି ରୂପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଦାବି ଜଣାଇଛନ୍ତି। ଆମକୁ ମଜୁରୀ ପ୍ରଦାନ କଲେ କେନାଲ ପାଇଁ ଯେଉଁ ସବୁ କାମ ଦରକାର ସବୁକିଛି ଆମେ କରିଦେବୁ ବୋଲି କୃଷକ ମାନେ କହିଛନ୍ତି। ଜମିକୁ ପାଣି ନଦେଇ ସରକାରି ବାବୁ ମାନେ ଜଳକର ଆଦାୟ କରୁଥିବାର କେତେକ କୃଷକ ଅଭିଯୋଗ କରିଛନ୍ତି। ଯୋଗେଶ୍ୱର ମହାନ୍ତ, ଶଶିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ଲାଲମୋହନ ମହାନ୍ତ, ବୀର ସିଂ, ସମା ସିଂ ଇତ୍ୟାଦି କୃଷକ ମାନଙ୍କର ନେତୃତ୍ୱରେ ଏକ ସଂଘ ଗଠନ କରାଯାଇଛି। ଉକ୍ତ ସଂଘ ମାଧ୍ୟମରେ ସରକାରଙ୍କ ନିକଟରେ କୃଷକ ମାନଙ୍କର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରାଯିବାର ନିଷ୍ପତି ହୋଇଛି।

କେବଳ ୫ କି. ଗ୍ରା. ଚାଉଳରେ ବିତୁଛି ଭଗବାନଙ୍କ ଜୀବନ

ଉଦଳା , ୦୪/୦୯ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଜାମଡ଼ିହା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ୪ ଭାଚାଙ୍କ ମୁର୍ମୁଙ୍କ ପୁତ୍ର ଭଗବାନ ମୁର୍ମୁ ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଉଛନ୍ତି। ବର୍ତମାନ ବୟସ ତାଙ୍କୁ ୬୯ ବର୍ଷ ଛୁଇଁଲାଣି। ଶରୀର ମଧ୍ୟ ଦିନକୁ ଦିନ ଅସୁସ୍ଥ ହେବାରେ ଲାଗିଲାଣି । ଏତିକି ବେଳେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ଓ ଆବାସ ଯୋଜନାରେ ଘର ପାଇବାରୁ ଭଗବାନ ବଂଚିତ ଅଛନ୍ତି । ଏଥିପାଇଁ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ଭଗବାନ ଜଣାଇଛନ୍ତି । କତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ସିମୁଳିଆରେ ବଢୁଛି ବିଜେଡିର ଶକ୍ତି: ଅଚ୍ୟୁତପୁର ପଞ୍ଚାୟତରେ ମିଶିଲେ ନାଏବ ସରପଞ୍ଚଓ ୱାର୍ଡସଭ୍ୟ

ଖଇରା,୪/୯ (ନିପ୍ର) ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍ୟମ, ବିକାଶମୁଳକ ଚିନ୍ତାଧାରା,ସିଧାସଳଖ ଲୋକଙ୍କ ସୁଖଦୁଃଖ ବୁଝିବା ଭଳି ନିତିରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକଦିନ ଅନ୍ୟଦଳର କର୍ମୀମାନେ ଏବେ ବିଜେଡି ଶିବିର ମୁହାଁ ହେଉଥିବାର ଦେଖିବାକୁ ମିଳୁଛି । ଏହିକ୍ରମରେ ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର ପଞ୍ଚାୟତ ମିର୍ଜାପୁର ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ମିଶ୍ରଣ ପର୍ବରେ ପଞ୍ଚାୟତର ନାଏବ ସରପଞ୍ଚ ବାସନ୍ତୀ ନାୟକ, ପୁର୍ବତନ ୱାର୍ଡସଭ୍ୟ ରତ୍ନାକର ସାହୁ, କରୁଣାକର ସେଠୀ, ସନାତନ ସେଠୀ, କରୁଣାକର ସାହୁ, ପ୍ରଭାକର ବେହେରା ପ୍ରମୁଖ ଅନ୍ୟଦଳ ଛାଡି ବିଜେଡିରେ ଯୋଗଦାନ କରିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦଳରେ ମିଶିଥିବା ସମସ୍ତ ନେତୃବୃନ୍ଦଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ । ଉକ୍ତ ମିଶ୍ରଣ ସଭାରେ ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ, ରବିନ୍ଦ୍ର ମହାନ୍ତି, ବିଶ୍ୱଭୁଷଣ ପ୍ରଧାନ, ପଞ୍ଚାୟତ ମହିଳା ସଭାପତି ଲଳିତା ଜେନା, ପୁର୍ବତନ ସରପଞ୍ଚ ମାୟାଧର ଦାସ, ପୁର୍ବତନ ସମିତି ସଭ୍ୟା ଅପର୍ଣ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ସିମୁଳିଆ ବିଧାୟକଙ୍କ ବିକାଶମୁଳକ ଚିନ୍ତାଧାରା ପାଇଁ ସେମାନେ ବିଜେଡି ପ୍ରତି ଆକୃଷ୍ଟ ହୋଇଥିବା ବିଷୟ କହିଛନ୍ତି ।

ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି ପାଇଁ ପ୍ରତିଯୋଗିତା

ବାରିପଦା , ୦୪/୦୯ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ବ୍ୟଙ୍ଗ ନାଟକ ଆଦି ପ୍ରତିଯୋଗିତା ଅନୁଷ୍ଠିତ